# ଅ ଆ କ ଖ...

'ମୋ ସ୍କୁଲ୍' ହାଲଚାଲ

'ମୋ ସ୍କୁଲ୍' ଅଭିଯାନ ସୂଚନାପତ୍ର ॥ ଜାନୁୟାରୀ ୨୦୨୩



ସହଯୋଗ ପାଇଥିବା ସ୍କୁଲ୍:
**୫୦** ହଜାରରୁ ଉର୍ଦ୍ଧ୍ୱ

ପ୍ରୋଜେକ୍ଟ ସଂଖ୍ୟା:
**୧,୫୨,୯୬୫**

ସହଯୋଗ ଦେଇଛନ୍ତି:
**୩୦** ଲକ୍ଷରୁ ଉର୍ଦ୍ଧ୍ୱ
ପୁରାତନ ଛାତ୍ରଛାତ୍ରୀ

ଲକ୍ଷ୍ୟ:
**୫୪,୬୭୩** ସ୍କୁଲ୍

ଉପକୃତ ଛାତ୍ରଛାତ୍ରୀ:
**୪୯** ଲକ୍ଷ

'ùcû Äêfp' @û_þ

SCAN ME — Android

SCAN ME — iOS



"ଶିକ୍ଷା କ୍ଷେତ୍ରରେ ଉତ୍କର୍ଷ ହାସଲ କରିବା ପାଇଁ ଓଡ଼ିଶା ନିରନ୍ତର ଉଦ୍ୟମରତ । ଶିକ୍ଷାଦାନ ତଥା ଶିକ୍ଷାଗ୍ରହଣ ପରିବେଶରେ ପରିଦୃଶ୍ୟ ପରିବର୍ତ୍ତନ ଆଣିବା ପାଇଁ ବିଦ୍ୟାଳୟ ରୂପାନ୍ତରଣ କରାଯାଉଛି । ସଶକ୍ତ ଓ ସମୃଦ୍ଧ ଓଡ଼ିଶାର ସ୍ୱପ୍ନ ସାକାର କରିବା ପାଇଁ ଆମେ ଶିକ୍ଷା କ୍ଷେତ୍ରରେ ପରବର୍ତ୍ତୀ ପର୍ଯ୍ୟାୟର ବିକାଶକୁ ସର୍ବାଧିକ ଗୁରୁତ୍ୱ ଦେଉଛୁ ।"



ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ମୋ' ବସ୍ତାନିରୁ

**ସୁସ୍ମିତା ବାଗ୍ଚୀ**




ସ୍ୱପ୍ନ । ଛୋଟ ଶବ୍ଦଟିଏ । କିନ୍ତୁ ଆକାଶର ପରିବ୍ୟାପ୍ତି ଏଇ ଦୁଇ ଅକ୍ଷରରେ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ସ୍ୱପ୍ନ ଓଡ଼ିଶାର ସମସ୍ତ ବିଦ୍ୟାଳୟ ଉଚ୍ଚମାନର ହେଉ, ପରବର୍ତ୍ତୀ ପିଢ଼ି ବିଶ୍ୱମାନର ହୁଅନ୍ତୁ । ଏଇ ସ୍ୱପ୍ନ ନେଇ ସେ ଶୁଭାରମ୍ଭ କରିଥିଲେ 'ମୋ ସ୍କୁଲ୍ ଅଭିଯାନ' । ପାଞ୍ଚ ବର୍ଷ ମଧ୍ୟରେ ଏ ସ୍ୱପ୍ନ ଏକ ନିଶ୍ଚିତ ରୂପ ନେଇଛି । ଓଡ଼ିଶାର ଅଧିକାଂଶ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ 'ମୋ ସ୍କୁଲ୍ ଅଭିଯାନ' ପରିବର୍ତ୍ତନର ସ୍ପର୍ଶ ଆଣିଛି । ଏବେ ସମୟ ଆସିଛି ଆହୁରି ପାଦେ ଆଗେଇଯିବା ପାଇଁ । ଆମ ପିଲାଙ୍କ କଳ୍ପନାକୁ ଆକାଶଛୁଆଁ କରିବାକୁ ହେବ । ବିଦ୍ୟାଳୟମାନଙ୍କରେ ପଢୁଥିବା ଛାତ୍ରଛାତ୍ରୀଙ୍କ ଆଖିରେ ସମ୍ଭାବନାର ଅଞ୍ଜନ ଆଙ୍କି ଦେବାକୁ ହେବ । ସେମାନଙ୍କର ଭାବନା ଓ ଆକାଂକ୍ଷାକୁ ସୁଦୂରପ୍ରସାରୀ କରିବାକୁ ହେବ ।



ଏଥିପାଇଁ 'ମୋ ସ୍କୁଲ ଅଭିଯାନ' କାର୍ଯ୍ୟଧାରା ପ୍ରସ୍ତୁତ କରିସାରିଛି । ବିଭିନ୍ନ ଜାତୀୟ ତଥା ଅନ୍ତର୍ଜାତିକ ଅନୁଷ୍ଠାନର ସାହାଯ୍ୟରେ ଉଭୟ ଶିକ୍ଷକ ଓ ଛାତ୍ରମାନଙ୍କର ଦକ୍ଷତା ବୃଦ୍ଧି ଆମର ପ୍ରଥମ ଲକ୍ଷ୍ୟ । କୋଡ଼ିଙ୍ଗ୍, ବିଦେଶୀ ଭାଷା ଶିକ୍ଷା, କଥିତ ଇଂରାଜୀରେ ନିପୁଣତା, ବିଜ୍ଞାନ ପ୍ରତି ଆଗ୍ରହ, ବିଶ୍ୱମାନର କ୍ରୀଡ଼ା - ଏହିଭଳି ବହୁ ଉଚ୍ଚାକାଂକ୍ଷୀ କାର୍ଯ୍ୟକ୍ରମ ଆମ ବିଦ୍ୟାଳୟମାନଙ୍କର ଛାତ୍ରଛାତ୍ରୀଙ୍କ ନିକଟକୁ ନେଇ ଆସିବାର ପ୍ରଥମ ପାହାଚଟି ସୃଷ୍ଟି ହୋଇ ସାରିଛି । ଏବେ ତିଆରି କରିବାକୁ ହେବ ଏକ ସୁଦୃଢ଼ ମଞ୍ଚ ଏବଂ ଯୁଗୋପଯୋଗୀ ପରିବେଶ । କିନ୍ତୁ ଏ ସୁବୁକୁ କାର୍ଯ୍ୟକାରୀ କରିବା ପାଇଁ ସମସ୍ତଙ୍କର ସହଯୋଗ ଦରକାର । ସମସ୍ତେ, ଅର୍ଥାତ୍ ଆମ ରାଜ୍ୟର ପୁରାତନ ଛାତ୍ରଛାତ୍ରୀ ତଥା ସମାଜ । ସମସ୍ତଙ୍କୁ ଆଗେଇ ଆସିବାକୁ ହେବ । କାର୍ଯ୍ୟଧାରାର ପ୍ରକ୍ରିୟା ଯେପରି ସୁଚାରୁ ଭାବରେ ସମ୍ପନ୍ନ ହୋଇପାରିବ, ସେଥିପ୍ରତି ଦୃଷ୍ଟି ଦେବାକୁ ହେବ ।



ଏ ପ୍ରକ୍ରିୟା ବାଧ୍ୟତାମୂଳକ ନୁହଁ; ବାଧ୍ୟ ବାଧକତାରେ ଉତ୍କୃଷ୍ଟତା ହାସଲ ହୁଏ ନାହିଁ । ଆମ ପିଲାମାନଙ୍କୁ ବିଶ୍ୱ ନାଗରିକ କରିବା ପାଇଁ ଆମମାନଙ୍କୁ ନିଃସ୍ୱାର୍ଥ ତଥା ସ୍ୱତଃପ୍ରବୃତ୍ତ ଭାବରେ କାର୍ଯ୍ୟ କରିବାକୁ ହେବ । ଏହା ଆମର ଦାୟିତ୍ୱ । ତେବେ ମୁଁ ମନେ କରେ ଯେ କେବଳ ଦାୟିତ୍ୱ ଯଥେଷ୍ଟ ନୁହଁ, ଦାୟିତ୍ୱ ସହିତ ମିଶାଇ ଦେବାକୁ ହେବ ଆବେଗ । କେବଳ ବିଦ୍ୟାଳୟ କାହିଁକି, ଯେ କୌଣସି ଅନୁଷ୍ଠାନକୁ ସ୍ମରଣୀୟ ଏବଂ ଅନୁକରଣୀୟ କରିବା ପାଇଁ କାର୍ଯ୍ୟଦକ୍ଷତା ସହିତ ଯୋଡ଼ି ଦେବାକୁ ହୁଏ ହୃଦୟର ଆବେଗ ।

ମୁଁ ଆଶା କରୁଛି ଯେ ଆମେ ସମସ୍ତେ ଏକମନ, ଏକ ପ୍ରାଣ ହୋଇ ଆମ ପରବର୍ତ୍ତୀ ପିଢ଼ିକୁ ସ୍ୱପ୍ନ ଦେଖିବା ପାଇଁ ଅନୁପ୍ରାଣିତ କରିବା । ସେମାନଙ୍କର ସ୍ୱପ୍ନକୁ ସାକାର କରିବା ପାଇଁ ଅନୁଯୋଗୀ ପରିବେଶ ମଧ୍ୟ ସୃଷ୍ଟି କରିବା ।

**ଅଧକ୍ଷା, ମୋ ସ୍କୁଲ ଅଭିଯାନ**

# ସାର୍‌ମାନଙ୍କ କଥା ଏବେ ବି ମନେପଡ଼େ...



**ଶ୍ରୀ ଅନୁପ ନାୟକ**
ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ (ଆଇଏଫ୍ଏସ୍)
ମେଣ୍ଟର, ଉତ୍କଳମଣି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,
ଭୁବନେଶ୍ୱର

ମୁଁ ଅନୁଗୋଳ ବେସିକ୍ ଟ୍ରେନିଂ ସ୍କୁଲରେ ପାଠ ଆରମ୍ଭ କରିଥିଲି । ପାଖାପାଖି ୫ବର୍ଷ ସେ ସ୍କୁଲ୍‌ରେ ପାଠ ପଢ଼ିଛି । ମୋ ବଡ଼ ଭଉଣୀ ସାଙ୍ଗରେ ଘରୁ ସ୍କୁଲ ପର୍ଯ୍ୟନ୍ତ ଜଙ୍ଗଲ ରାସ୍ତା ଦେଇ ସବୁଦିନେ ଯାଉଥିଲି । ବାଟରେ ବେଳେ ବେଳେ ତେନ୍ତୁଳି ଗଛରୁ ତେନ୍ତୁଳି ତୋଳି ଖାଇ ଖାଇ ଫେରୁଥିଲୁ । ସେ ସମୟର କଥା ମନେ ପଡ଼ିଲେ ମନ କୁଣ୍ଢେମୋଟ ହେଇଯାଏ । ପରେ ବାପାଙ୍କର କଟକ ବଦଳି ହୋଇଗଲା । ତେଣୁ ଅନୁଗୋଳ ଛାଡ଼ି ମୁଁ ଆସି ସେକେଣ୍ଡାରୀ ବୋର୍ଡ଼ ହାଇସ୍କୁଲ୍‌ରେ ଆଡ୍‌ମିସନ୍ ନେଲି ୬ଷ୍ଠ ଶ୍ରେଣୀରେ । ସେଠାରେ ମୁଁ ପ୍ରଥମଥର ପାଇଁ ସ୍କୁଲ ୟୁନିଫର୍ମ ପିନ୍ଧି ସ୍କୁଲ୍‌କୁ ଗଲି । ସୁନ୍ଦର ପରିବେଶ ଭିତରେ ଭାରି ଖୁସି ଲାଗିଥିଲା ମୋତେ । ଶିକ୍ଷକମାନେ ଦକ୍ଷ ଥିଲେ ଓ ପିଲାମାନଙ୍କ ଭିତରେ ପାଠ ପଢ଼ାକୁ ନେଇ ପ୍ରତିଯୋଗିତା ଥିଲା । ମାତ୍ର ଗୋଟିଏବର୍ଷ ପରେ ବାପାଙ୍କର ପଦୋନ୍ନତି ହୋଇ ବାଲେଶ୍ୱରକୁ ବଦଳି ହେଲା । ମୋତେ ବି ବୋର୍ଡ ହାଇସ୍କୁଲ୍ ଛାଡ଼ି ବାଲେଶ୍ୱର ଜିଲ୍ଲା ସ୍କୁଲରେ ଆଡ୍‌ମିସନ୍ ନେବାକୁ ପଡ଼ିଲା । ସେଠାରେ ମୋର ବାକି ସ୍କୁଲ୍ ଜୀବନ ମୁଁ କଟାଇଥିଲି ।

ମୋର ମନେ ଅଛି ମୁଁ ବାଲେଶ୍ୱର ଯିବାପରେ ମୋ ପାଖରେ ବସିଥିବା ପିଲାକୁ ପଚାରିଥିଲି ଯେ ଏଠି କିଏ କ୍ଲାସ୍‌ରେ ପ୍ରଥମ ସ୍ଥାନ ଅଧିକାର କରେ । କାରଣ ବୋର୍ଡ଼ ହାଇସ୍କୁଲରେ ସାଙ୍ଗମାନେ କହିଥିଲେ ତୁ ବାଲେଶ୍ୱର ଗଲେ ନିଶ୍ଚୟ ଶ୍ରେଣୀରେ ପ୍ରଥମ ହେବୁ । ସତକୁ ସତ ମୁଁ ଏବଂ ଶ୍ରେଣୀରେ ଯିଏ ସବୁବେଳେ ପ୍ରଥମ ସ୍ଥାନ ଅଧିକାର କରି ଆସୁଥିଲା, ଦୁହେଁ ମେଟ୍ରିକୁଲେସନ୍ ପରୀକ୍ଷାରେ ସମାନ ମାର୍କ ରଖିଥିଲୁ । ବାଲେଶ୍ୱର ଜିଲ୍ଲା ସ୍କୁଲରେ ଥିବା ଭାଗବତ ସାର୍‌ଙ୍କ କଥା କେବେବି ଭୁଲି ହେବନାହିଁ । ଆମ ସମୟରେ ପିଲାମାନେ ତାଙ୍କୁ ବହୁତ ଭୟ କରୁଥିଲେ । ସେ ଭାରି କଡ଼ା ଥିଲେ । ତାଙ୍କର ରାଗ ଅମାନିଆ ପିଲାଙ୍କ ପାଇଁ ଯଥେଷ୍ଟ ଥିଲା । ତେଣୁ କୌଣସି ପିଲା ଦୁଷ୍ଟାମି କଲେ ସଙ୍ଗେ ସଙ୍ଗେ ଭାଗବତ ସାର୍‌ଙ୍କ ପାଖରେ ଖବର ପହଞ୍ଚିଯାଏ ।

ମୁଁ ଏହି ତିନୋଟି ସ୍କୁଲ୍‌ରୁ ପ୍ରତ୍ୟକ୍ଷ ଓ ପରୋକ୍ଷରେ ବହୁତ କିଛି ଶିଖିଛି ଯାହାକି ପରବର୍ତ୍ତୀ ସମୟରେ ମୋତେ ଜଣେ ଶୃଙ୍ଖଳିତ ମଣିଷ ହେବା ପାଇଁ ସାହାଯ୍ୟ କରିଛି । ମୋ ସ୍କୁଲ୍‌ରୁ ମୁଁ ଶୃଙ୍ଖଳା ସହ ଗୁରୁଜୀମାନଙ୍କୁ ଭକ୍ତି ଓ ସମ୍ମାନ ଦେବା, ଶ୍ରେଣୀର ଅନ୍ୟ ପିଲାମାନଙ୍କ ସାଙ୍ଗେ ସମନ୍ୱୟ ରଖିବା, ଖେଳ ହେଉ ବା ପାଠ ସବୁଥିରେ ସକରାତ୍ମକ ପ୍ରତିଯୋଗିତା ମନୋଭାବ ଆଣିବା, ଏମିତି ଅନେକ ଜିନିଷ ଶିଖିପାରିଛି । ବାଲେଶ୍ୱର ସ୍କୁଲ୍ କ୍ରୀଡ଼ା ପ୍ରତିଯୋଗିତାରେ ମୁଁ ଗ୍ରୁପ୍ ଚାମ୍ପିୟନ୍ ହୋଇଥିଲି । ଭାରି ଖୁସି ଲାଗିଥିଲା ଜିତିଲା ପରେ । ସେଥିପାଇଁ ବହୁତ ଚେଷ୍ଟା ଓ କଷ୍ଟ କରିବାକୁ ପଡ଼ିଥିଲା । ପ୍ରତିଯୋଗିତା ମନୋଭାବ ନେଇ ଖେଳିବାକୁ ପଡ଼ିଥିଲା ମୋର ସାଙ୍ଗମାନଙ୍କ ବିରୋଧରେ । ତେଣୁ ଚେଷ୍ଟା କଲେ ସବୁକିଛି ସମ୍ଭବ ହୋଇପାରେ । କଥାରେ ଅଛି କଷ୍ଟ କଲେ କୃଷ୍ଣ ମିଳେ । ଅବଶ୍ୟ ଏଥିଲାଗି ମୋର ଜଣେ ଅନ୍ତରଙ୍ଗ ବନ୍ଧୁ ରାଗ ଓ ଅଭିମାନ କରି ମୋ ଠାରୁ କିଛିଦିନ ପର୍ଯ୍ୟନ୍ତ ଦୂରେଇ ଯାଇଥିଲେ । କ୍ରିକେଟ୍ ପ୍ରତି ମୋର ସବୁବେଳେ ଦୁର୍ବଳତା ଥିଲା । ସ୍କୁଲରେ ପଢୁଥିବା ବେଳେ ମୁଁ ବାଲେଶ୍ୱର ଜିଲ୍ଲା ପାଇଁ କ୍ରିକେଟ୍ ଖେଳିବାର ସୁଯୋଗ ପାଇଥିଲି । ପଢ଼ିବା ସଙ୍ଗେ ସଙ୍ଗେ ଖେଳିବା ଓ ଅନ୍ୟାନ୍ୟ ସହପାଠ୍ୟଭିତ୍ତିକ କାର୍ଯ୍ୟକ୍ରମରେ ଭାଗ ନେବା ପିଲାମାନଙ୍କ ପାଇଁ ଅତ୍ୟନ୍ତ ଜରୁରୀ । ଏହା ସେମାନଙ୍କ ବ୍ୟକ୍ତିତ୍ୱ ବିକାଶରେ ବହୁତ ସାହାଯ୍ୟ କରିଥାଏ ।

ସ୍କୁଲ ହେଉଛି ମଣିଷ ତିଆରି କାରଖାନା । ପିଲାମାନଙ୍କୁ ଭଲ ମଣିଷ କରେଇବାରେ ସ୍କୁଲ୍‌ର ବହୁତ ବଡ଼ ଭୂମିକା ରହିଥାଏ । ଏଥିଲାଗି ଶିକ୍ଷକତାକୁ ଏକ ପବିତ୍ର ବୃତ୍ତି ବୋଲି କୁହାଯାଇଥାଏ ।

ରାଜ୍ୟ ସରକାରଙ୍କ 'ମୋ ସ୍କୁଲ୍' ଅଭିଯାନ ଏକ ଅଭିନବ ଓ ଅନନ୍ୟ ପଦକ୍ଷେପ । ଏହି ଅଭିଯାନ ମୋତେ ଦୁଇ ଦୁଇଟି ସ୍କୁଲ୍ ସହ ଯୋଡ଼ି ହେବାର ସୁଯୋଗ ଦେଇଛି । ଯେଉଁ ସ୍କୁଲ୍ ମୋତେ ସଫଳ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା, ଆଜି ମୁଁ ସେହି ବିଦ୍ୟାଳୟର ଋଣ କିଛିକାଂଶରେ ସୁଝିପାରୁଛି । ସେଥିଲାଗି ମୁଁ ରାଜ୍ୟସରକାରଙ୍କୁ ଅଶେଷ ଧନ୍ୟବାଦ ଦେବି ।

ଭୁବନେଶ୍ୱରସ୍ଥିତ ନୟାପଲ୍ଲୀରେ ରହିଛି ଉତ୍କଳମଣି ସରକାରୀ ଉଚ୍ଚ ବିଦ୍ୟାଳୟ । ଏଠାରେ ପଢୁଥିବା ଅଧିକାଂଶ ଛାତ୍ରଛାତ୍ରୀ ଅତ୍ୟନ୍ତ ଗରିବ ପରିବାରର । ରାଜ୍ୟ ସରକାରଙ୍କ 'ମୋ ସ୍କୁଲ୍' ଅଭିଯାନ ମାଧ୍ୟମରେ ଏଭଳି ଏକ ସ୍କୁଲ୍‌କୁ ମୁଁ ପୋଷ୍ୟ ଭାବରେ ଗ୍ରହଣ କରିପାରି ଥିବାରୁ ନିଜକୁ ଧନ୍ୟ ମନେକରୁଛି । ଅଧିକାଂଶ ଦିନ ଶେଷ ପିରିୟଡ୍‌ରେ ଯାଇ ପିଲାମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥାଏ । ଗଣିତ ଓ ଇଂରାଜୀ ଅଭ୍ୟାସ କରାଇଥାଏ । ନିକଟରେ ସ୍କୁଲର ଷଷ୍ଠଶ୍ରେଣୀ ପିଲାମାନଙ୍କୁ ନନ୍ଦନକାନନ ଚିଡ଼ିଆଖାନା ନେଇଥିଲି । ପିଲାମାନଙ୍କର ଉତ୍ସାହ ଓ ପ୍ରଶ୍ନ ଶୁଣି ସେଠାରେ ଉପସ୍ଥିତ ବରିଷ୍ଠ ଅଧିକାରୀମାନେ ମଧ୍ୟ ଚକିତ ହୋଇଯାଇଥିଲେ । ପ୍ରତିଭା ଓ ଦକ୍ଷତାରେ ଏମାନେ କୌଣସି ଗୁଣରେ କମ୍ ନୁହଁନ୍ତି । ପଢ଼ିବାର ପରିବେଶ ଓ ସୁଯୋଗ ମିଳିଲେ ସେମାନେ ସମାଜରେ ଉଚ୍ଚ ପ୍ରତିଷ୍ଠିତ ହେଇପାରିବେ ଏଥିରେ ସନ୍ଦେହ ନାହିଁ ।

କୋଭିଡ୍-୧୯ ମହାମାରୀ ଗୋଟାଏ କଥା ସ୍ପଷ୍ଟ କରିଦେଲା । ଯେ ପର୍ଯ୍ୟନ୍ତ ବିଶ୍ୱର ସମସ୍ତ ଜନସାଧାରଣ ଭାଇରସ୍ ମୁକ୍ତ ନ ହୋଇଛନ୍ତି, ସେ ପର୍ଯ୍ୟନ୍ତ ଆମେ ସୁରକ୍ଷିତ ନୁହେଁ । କେବଳ କୋଭିଡ୍ ନୁହେଁ ବିଭିନ୍ନ ପ୍ରକାରର ରୋଗକୁ ପ୍ରତିରୋଧ କରିବା ପାଇଁ ଆମକୁ ଆମର ନିଜସ୍ୱ ଜ୍ଞାନକୌଶଳର ବିକାଶ କରିବାକୁ ପଡ଼ିବ । ପରିବେଶର ଯତ୍ନ ସହିତ ପ୍ରକୃତି ବିରୋଧି କାର୍ଯ୍ୟକଳାପରୁ ନିବୃତ୍ତ ରହିବାକୁ ପଡ଼ିବ । ଏଥିପାଇଁ ସମସ୍ତଙ୍କୁ ସଚେତନ ରହିବା ଆବଶ୍ୟକ, ଯାହାକି କେବଳ ଶିକ୍ଷା ଦ୍ୱାରା ସମ୍ଭବ ।

# 'ମୋ ସ୍କୁଲ ମୋ ପରିଚୟ'



**ଡା. ଓଁକାର ହୋତା**
ଚିକିତ୍ସକ,
ଉପଖଣ୍ଡ ଚିକିତ୍ସାଳୟ, ଟିଟିଲାଗଡ଼,ବଲାଙ୍ଗିର

ବଲାଙ୍ଗୀର ଜିଲ୍ଲା ସଦର ମହକୁମା ଠାରୁ ୨୪ କି.ମି. ଦୂରରେ ଅବସ୍ଥିତ ସାହାଜବାହାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ୧୯୪୯ ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ଛୋଟ ସ୍କୁଲଟି ମୋ ଭଳି ଅନେକ ଲୋକଙ୍କୁ ଶିକ୍ଷିତ କରିଛି। ଜୀବନରେ ଆଗକୁ ବଢ଼ିବାର ବାଟ ଦେଖାଇଛି। ଏହି ସ୍କୁଲ୍ ମୋ ପାଇଁ କେବଳ ଏକ ସ୍କୁଲ୍ ନୁହେଁ, ଏକ ପବିତ୍ର ମନ୍ଦିର ଓ ମୋର ଗୁରୁମାନେ ସାକ୍ଷାତ ଈଶ୍ୱର। ସେ ଦିନର ପୁରୁଣା କଥା ଭାବିଲେ ସ୍କୁଲ୍‌ରେ ବିତାଇଥିବା ମୋର ପ୍ରଥମଦିନ ମନେପଡ଼ିଯାଏ। ୧୯୯୦ ମସିହାରେ ଗଣେଶ ଚତୁର୍ଥୀ ଭଳି ପବିତ୍ର ଦିନରେ ବାପାଙ୍କ ସହ ପ୍ରଥମ ଥର ପାଇଁ ପାଦ ଥାପିଥିଲି ବିଦ୍ୟାଳୟ ପରିସରରେ। ସେହିଦିନର ଖଡ଼ି ଛୁଆଁରୁ ଆରମ୍ଭ ହୋଇଥିଲା ମୋ ପାଠପଢ଼ା ଜୀବନ। ଏହାର କିଛିଦିନ ପରେ ୧୯୯୧ ମସିହାରେ ସାହାଜବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୋର ନାମ ଲେଖା ହୋଇଥିଲା। ନାମଲେଖା ହେବା ଦିନ ମୁଁ ପ୍ରଥମ ଶ୍ରେଣୀ କକ୍ଷରେ ବସିଥାଏ। ହଠାତ୍ ମୋର ଶ୍ରେଣୀ ଶିକ୍ଷକ ପ୍ରଧାନ ସାର୍ ମୋତେ ଡାକି ତାଙ୍କ କୋଳରେ ବସାଇ ସିଲଟରେ ଓଡ଼ିଆ ଭାଷାରେ 'ଅ' ଲେଖିବା ଶିଖାଇଥିଲେ। 'ଅ' ଲେଖୁ ଲେଖୁ ବଡ଼ ହେଲେ କ'ଣ ହେବୁ ବୋଲି ପଚାରିଥିଲେ। ବଡ଼ ହୋଇ ଉଡ଼ାଜାହାଜ ଚଳେଇବି ବୋଲି କହିବାରୁ ମୋତେ କୋଳେଇ ନେଇ ସିଲଟରେ ଲେଖାହୋଇଥିବା 'ଅ'କୁ ଲିଭାଇଦେଇ ସେ ଚକ୍‌ଗୁଣ୍ଡକୁ ମୋ ମଥାରେ ବୋଳି ଆଶୀର୍ବାଦ ଦେଇଥିଲେ। ସେ ଦିନର ସେ ମୁହୂର୍ତ୍ତ ଆଜି ବି ମୋ ମନରେ ସ୍ମୃତି ହୋଇ ରହିଯାଇଛି।

ସ୍କୁଲକୁ ପରିଷ୍କାର ପରିଚ୍ଛନ୍ନ କରିବାକୁ ଆମେ ସମସ୍ତେ ମିଶି ଝାଡୁ କରୁଥିଲୁ। କିଏ ଝାଡୁ କରିବ ସେଥିପାଇଁ ଆମମାନଙ୍କ ମଧ୍ୟରେ ପ୍ରତିଯୋଗିତା ହେଉଥିଲା। ସେତେବେଳେ ଆମର ୟୁନିଫର୍ମ ନ ଥିଲା। ସାଦା ପୋଷାକ ପିନ୍ଧି ଆମେ ସ୍କୁଲ୍ ଯାଉଥିଲୁ। ସିମେଣ୍ଟ ବସ୍ତାରେ ତିଆରି ବହିବସ୍ତାନୀକୁ କାନ୍ଧରେ ଝୁଲାଇ ଖାଲିପାଦରେ ସ୍କୁଲ୍ ଯିବାର ମଜା ଅଲଗା ଥିଲା। "ଆହେ ଦୟାମୟ ବିଶ୍ୱବିହାରୀ" ପ୍ରାର୍ଥନା ଗାଇବା ବେଳେ ପ୍ରଧାନଶିକ୍ଷକ ସବୁବେଳେ ଆଖି ବନ୍ଦ ରଖି ଗଣେଶ ଭଗବାନଙ୍କୁ ସ୍ମରଣ କରିବାକୁ କୁହନ୍ତି। ସେହି ଛୋଟ ଛୋଟ କଥା ଜୀବନରେ ସଫଳ ହେବାକୁ ପ୍ରେରଣା ଦେଇଥିଲା। ପ୍ରାର୍ଥନା ଗାଇବା ବେଳେ ଆଖି ଛଳ ଛଳ ହୋଇଯାଉଥିଲା। ମନେ ହେଉଥିଲା ସତେ କି ସ୍ୱୟଂ ଭଗବାନ ଆମ କୁନି କୁନି ପିଲାମାନଙ୍କର ପ୍ରାର୍ଥନା ଶୁଣୁଛନ୍ତି ଏବଂ ଆର୍ଶୀବାଦ ପ୍ରଦାନ କରୁଛନ୍ତି। ଛାତ୍ରଛାତ୍ରୀମାନେ ପାଠପଢ଼ାରେ ଅବହେଳା କଲେ କିମ୍ବା ଦୁଷ୍ଟାମି କଲେ ଶିକ୍ଷକମାନେ ବିଭିନ୍ନ ପ୍ରକାରର ଦଣ୍ଡ ଦେଉଥିଲେ। କାନ ଧରି ଉଠ୍‌ବସ୍ ହେବା, ଆଣ୍ଠୁମାଡ଼ି କାନ ଧରି ସ୍କୁଲ ବାରଣ୍ଡାରେ ବସିବା, ହାତ ପାପୁଲିକୁ ବାଡ଼ି ଦ୍ୱାରା ମାରିବା ଭଳି ଦଣ୍ଡ ଆମକୁ ଜୀବନରେ ଶୃଙ୍ଖଳିତ ହେବା ଶିଖାଇଛି।

ମୁଁ ପଞ୍ଚମ ଶ୍ରେଣୀ ପଢୁଥିବା ସମୟରେ ୧୯୯୫ ମସିହାରେ ସରକାରଙ୍କର ଦ୍ୱାରା ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ପ୍ରଥମ ଥର ପାଇଁ ଆରମ୍ଭ ହୋଇଥିଲା। ସେତେବେଳେ ଆମ ଉତ୍ସାହ କହିଲେ ନ ସରେ। ମଧ୍ୟାହ୍ନ ଭୋଜନ ଖାଇବାକୁ ଆଉ ଘରକୁ ଯିବାକୁ ପଡ଼ିଲାନି। ସମସ୍ତେ ମିଶି ଏକାଠି ବାରଣ୍ଡାରେ ବସି ଖାଉଥିଲୁ। ସମସ୍ତେ ଗୋଟିଏ ପରିବାରର ଭଳି ଅନୁଭବ ହେଉଥିଲା। ମଧ୍ୟାହ୍ନ ଭୋଜନ ଆମକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିଥିଲା କହିଲେ ଅତ୍ୟୁକ୍ତି ହେବନାହିଁ।

ସାହାଜବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ସପ୍ତମ ଶ୍ରେଣୀ ଉତ୍ତୀର୍ଣ୍ଣ ହେଲାପରେ ବଲାଙ୍ଗୀର ସହରରେ ଥିବା ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ନାମ ଲେଖାଇବା ପାଇଁ ପ୍ରବେଶିକା ପରୀକ୍ଷା ଦେବାକୁ ପଡ଼ିଥିଲା। ପରୀକ୍ଷା ଦେବାକୁ ବାପା ମୋତେ ବଲାଙ୍ଗୀର ସହରକୁ ବସ୍‌ରେ ନେଇ ଯାଉଥିଲେ। ହେଲେ କୌଣସି ଯାନ୍ତ୍ରିକ ତ୍ରୁଟି କାରଣରୁ ଆମ ବସ୍ ଅଧା ଜଙ୍ଗଲ ରାସ୍ତାରେ ଅଟକି ଯାଇଥିଲା। ଅଧଘଣ୍ଟା ଆମେ ସେଠାରେ ଅଟକି ଯାଇଥିଲୁ। ବିଳମ୍ବରେ ପରୀକ୍ଷା ହଲ୍ ଭିତରେ ପହଞ୍ଚିଥିଲି। ତଥାପି ମୁଁ ସେହି ପ୍ରବେଶିକା ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ପାସ ହୋଇଥିଲି। ପୃଥ୍ୱୀରାଜ ହାଇସ୍କୁଲ ପଶ୍ଚିମ-ଓଡ଼ିଶାର ସର୍ବବୃହତ ଉଚ୍ଚ ବିଦ୍ୟାଳୟ । ପାଖାପାଖି ୧୪୦୦ରୁ ଉର୍ଦ୍ଧ୍ୱ ପିଲା ଏଠାରେ ପାଠପଢ଼ିଥାନ୍ତି । ସାହିତ୍ୟ, ଗଣିତ, ବିଜ୍ଞାନ, ଭୂଗୋଳ ଓ ଇତିହାସ ଆଦି ବିଷୟରେ ଥିବା ଅଭିଜ୍ଞ, ପାରଦର୍ଶୀ ଏବଂ ଦକ୍ଷ ଶିକ୍ଷକମାନଙ୍କ ଯୋଗୁ ସ୍କୁଲ୍ ପାଠପଢ଼ାରେ ରାଜ୍ୟର ଏକ ଶ୍ରେଷ୍ଠ ବିଦ୍ୟାଳୟ ଭାବରେ ପରିଗଣିତ ହେଉଥିଲା। ପ୍ରତ୍ୟେକ ଦିନ ପ୍ରାର୍ଥନା ଶେଷ ହେବାପରେ ଜଣେ ଶିକ୍ଷକ ଆମମାନଙ୍କୁ ନୀତିଶିକ୍ଷା ଦେଉଥିଲେ। ସେହି ନୀତିଶିକ୍ଷାଗୁଡ଼ିକ ମୋ ଜୀବନକୁ ଗଭୀର ଭାବରେ ଅନୁପ୍ରାଣିତ କରିପାରିଛି। ସେହିଭଳି ସ୍କୁଲ






ପାଠାଗାରରେ ଥିବା ମହାପୁରୁଷଙ୍କ ଜୀବନୀ ପୁସ୍ତକ ପଢ଼ି ମୁଁ ଅନେକ ନୂଆ କଥା ଶିଖିଛି । ସ୍କୁଲ୍ ଏନ୍‌ସିସିରେ ଅଂଶଗ୍ରହଣ କରି ରାଜ୍ୟ ଓ ରାଜ୍ୟ ବାହାରେ ଥିବା ସ୍ଥାନ ବୁଲିବାର ସୁଯୋଗ ପାଇଛି । ଜାତୀୟତାବାଦ, ଦେଶ ପାଇଁ ଭଲପାଇବା ଓ ନିଜ ଲୋକଙ୍କ ପାଇଁ କିଛି କରିବାର ଜିଜ୍ଞାସା ଓ ପ୍ରେରଣା ମୋତେ ଏନ୍‌ସିସିରୁ ମିଳିଛି । କେବଳ ପାଠପଢ଼ାରେ ନୁହେଁ, କ୍ରୀଡ଼ାରେ ମଧ୍ୟ ମୁଁ ଆଗରେ ଥିଲି । ଆମ ସ୍କୁଲରେ ହେଉଥିବା ଖେଳ ପ୍ରତିଯୋଗିତାରେ ମୁଁ ସର୍ବଦା ପ୍ରଥମ ସ୍ଥାନ ଅଧିକାର କରୁଥିଲି । ସ୍କୁଲ ଡ୍ରାମାରେ ପରଦା ପଛର ନାୟକ ହୋଇ ବିଭିନ୍ନ କାର୍ଯ୍ୟ ସମ୍ପାଦନ କରୁଥିଲି । ଭଲ ପାଠ ପଢ଼ିବା ସହ ମୋର ଆଚରଣ ଏବଂ ବ୍ୟବହାର ପାଇଁ ମୁଁ ସବୁ ଶିକ୍ଷକ ଏବଂ ଶିକ୍ଷୟିତ୍ରୀଙ୍କର ପ୍ରିୟ ଛାତ୍ର ଥିଲି । ସେଇଥିପାଇଁ ୧୯୯୯ ମସିହାରେ ସ୍କୁଲର ଉତ୍ତମ ଛାତ୍ର ସମ୍ମାନ ଭାବରେ ମଧ୍ୟ ସମ୍ମାନୀତ ହୋଇଥିଲି ।

ହାଇସ୍କୁଲରେ ପଢୁଥିବା ସମୟରେ ସନ୍ଥକବି ଭୀମଭୋଇଙ୍କ କବିତାର ଗୋଟିଏ ପଂକ୍ତି ମୋ ଜୀବନର ମୋଡ଼କୁ ସମ୍ପୂର୍ଣ୍ଣ ବଦଳାଇ ଦେଇଥିଲା ।

"ପ୍ରାଣୀର ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ,
ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ ॥"

ସମାଜରେ ଥିବା ଦରିଦ୍ର, ନିଃସ୍ୱ ଅସହାୟ, ଜରାଗ୍ରସ୍ତ ମଣିଷମାନଙ୍କ ପାଇଁ କାର୍ଯ୍ୟକରିବାକୁ ମୋତେ ଏହି କବିତାରୁ ପ୍ରେରଣା ମିଳିଥିଲା । ସନ୍ଥକବି ଭୀମ ଭୋଇ ଏବଂ ମହାପୁରୁଷ ଗୋପବନ୍ଧୁ ଦାସ ମୋର ଆଦର୍ଶ । ତାଙ୍କର ଆଦର୍ଶରେ ମୁଁ ଅନୁପ୍ରାଣୀତ ହୋଇ ମୁଁ ମୋ ନିଜ କର୍ମ କରିଚାଲିଛି ।

ସ୍କୁଲ୍ ଛାତ୍ର ଜୀବନର ଅନେକ ସ୍ମୃତି ରହିଛି, ସବୁ ଲେଖିବା ସମ୍ଭବପର ନୁହେଁ । ମନ ଭିତରେ ଇଚ୍ଛାହୁଏ ପୁଣି ସେହି ପିଲାଦିନ ଫେରି ଆସନ୍ତା କି ! କିନ୍ତୁ ଏହା ସମ୍ଭବ ନୁହେଁ । ସେହି ବିଦ୍ୟାଳୟ ଏବେ ଆଉ ପୁରୁଣା ହୋଇ ରହିନାହିଁ । ଓଡ଼ିଶା ସରକାରଙ୍କର 'ମୋ ସ୍କୁଲ ଅଭିଯାନ' ଏବଂ 'ହାଇସ୍କୁଲ ରୂପାନ୍ତରୀକରଣ କାର୍ଯ୍ୟକ୍ରମ' ମାଧ୍ୟମରେ ସାହାଜବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟ ବଲାଙ୍ଗୀରର ବହୁ ଉନ୍ନତି ଘଟିଛି । ଶିକ୍ଷା କ୍ଷେତ୍ରକୁ ଏଭଳି ବିକଶିତ କରିବା ପାଇଁ ମୁଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଉଛି । ପରିଶେଷରେ ଛାତ୍ରଛାତ୍ରୀମାନଙ୍କୁ ଗୋଟିଏ ଛୋଟ ଉପଦେଶ ଦେବି । ସ୍କୁଲରେ ପାଠ ପଢ଼ିବା ସମୟରେ ପିଲାମାନେ ସ୍କୁଲ ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ ଉପଭୋଗ କରନ୍ତୁ । ସ୍କୁଲ୍‌ଦିନର ଏହି ସ୍ମରଣୀୟ ଦିନଗୁଡ଼ିକ ଆଉ ଥରେ ଫେରି ଆସିବନି ।

ଶେଷରେ ମୁଁ କହିବି 'ମୋ ସ୍କୁଲ ହେଉଛି ମୋର ପରିଚୟ' ।



# ସ୍କୁଲ୍ କହୁଛି ସଫଳତାର କଥା

# ମତୋ ସରକାରୀ ଉଚ୍ଚ ବିଦ୍ୟାଳୟ, ଭଦ୍ରକ

## ପାଠପଢ଼ାକୁ ଦ୍ୱିଗୁଣିତ କରିଛି ସ୍କୁଲ ରୂପାନ୍ତରୀକରଣ




ଗ୍ରାମାଞ୍ଚଳରେ ଶିକ୍ଷାର ଭିତ୍ତିଭୂମିକୁ ସୁଦୃଢ଼ କରିବାରେ '୫-ଟି ହାଇସ୍କୁଲ୍ ରୂପାନ୍ତରୀକରଣ କାର୍ଯ୍ୟକ୍ରମ' ପ୍ରମୁଖ ଭୂମିକା ଗ୍ରହଣ କରିଛି । ଏହାର ଏକ ପ୍ରମୁଖ ଉଦାହରଣ ହେଉଛି ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍‌ରେ ଥିବା ମତୋ ସରକାରୀ ଉଚ୍ଚ ବିଦ୍ୟାଳୟ । କେବଳ ଭିତ୍ତିଭୂମି ନୁହେଁ, ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଅଭିବୃଦ୍ଧିରେ ମଧ୍ୟ '୫-ଟି ହାଇସ୍କୁଲ୍ ରୂପାନ୍ତରୀକରଣ କାର୍ଯ୍ୟକ୍ରମ' ପ୍ରମୁଖ ଭୂମିକା ଗ୍ରହଣ କରିଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନେତୃତ୍ୱରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଦ୍ୱାରା ଉଭୟ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ଦକ୍ଷତା ବିକାଶ କରାଯାଉଛି । ସହପାଠ୍ୟକ୍ରମଭିତ୍ତିକ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଅନେକ ନୂଆ କଥା ଶିଖାଯାଉଛି । ପ୍ରତିଦ୍ୱନ୍ଦିତାମୂଳକ ଭବିଷ୍ୟତ ପାଇଁ ପ୍ରସ୍ତୁତ କରାଯାଉଛି, ଯାହାର ଶ୍ରେୟ ସ୍କୁଲ୍‌ର ପ୍ରଧାନଶିକ୍ଷକ ଶ୍ରୀ ଶଶିକାନ୍ତ ଦତ୍ତ ରାଜ୍ୟ ସରକାରଙ୍କ ୫-ଟି ହାଇସ୍କୁଲ୍ ରୂପାନ୍ତରୀକରଣ କାର୍ଯ୍ୟକ୍ରମକୁ ଦେଇଛନ୍ତି ।


ସବୁଜିମାରେ ଶୋଭା ପାଉଛି ସ୍କୁଲ୍ କ୍ୟାମ୍ପସ୍

ଉନ୍ନତ ସ୍ମାର୍ଟ କ୍ଲାସ୍‌ରୁମ୍, ଇ-ଲାଇବ୍ରେରୀ, ଅତ୍ୟାଧୁନିକ ସାଇନ୍ସ ଲାବୋରେଟୋରୀ, ପ୍ରଶସ୍ତ ବାରଣ୍ଡା ସହ ସୁନ୍ଦର ପରିବେଶ - ମତୋ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଅନ୍ୟ ଶିକ୍ଷାନୁଷ୍ଠାନମାନଙ୍କ ଠାରୁ ଭିନ୍ନ କରି ଗଢ଼ିତୋଳୁଛି । ବିଦ୍ୟାଳୟରେ ଅତ୍ୟାଧୁନିକ ସୁବିଧା ସୁଯୋଗ କେବଳ ଛାତ୍ରଛାତ୍ରୀ ନୁହେଁ, ଅଭିଭାବକମାନଙ୍କୁ ମଧ୍ୟ ଆକୃଷ୍ଟ କରୁଛି । ଦୁଇ ବର୍ଷ ପୂର୍ବ ଏବଂ ବର୍ତ୍ତମାନର ସ୍କୁଲ୍ ମଧ୍ୟରେ ରହିଛି ଅନେକ ତଫାତ । ଛାତ୍ରଛାତ୍ରୀଙ୍କ ଉପସ୍ଥାନ ମଧ୍ୟ ବୃଦ୍ଧି ପାଇଛି । ୫-ଟି ମାଧ୍ୟମରେ ବିଦ୍ୟାଳୟର ଶିକ୍ଷାଦାନ ପଦ୍ଧତି ମଧ୍ୟ ବଦଳିଯାଇଛି । ସ୍ମାର୍ଟ କ୍ଲାସ୍‌ରୁମ୍‌ରେ ପାଠପଢ଼ା ହେଉଛି । ପ୍ରଥମ ବେଞ୍ଚରୁ ଶେଷ ଯାଏଁ ସମସ୍ତେ ବୁଝିଲା ଭଳି ଅଡ଼ିଓ ଓ ଭିଡ଼ିଓ ମାଧ୍ୟମରେ ପଢ଼ାଯାଉଛି । ସ୍ମାର୍ଟ ସ୍କ୍ରିନ୍ ସାଙ୍ଗକୁ ସୁବିଧାରେ ବସି ପଢ଼ିବା ପାଇଁ ଡୁଆଲ୍ ବେଞ୍ଚ ଡେସ୍କ ମଧ୍ୟ ପଡ଼ିଛି ।

ଖାଲି ସେତିକି ନୁହେଁ, ପିଲାଙ୍କ ପାଇଁ ବିଜ୍ଞାନ ପଢ଼ା ସହଜ କରିବା ପାଇଁ ସ୍କୁଲରେ ରହିଛି ଅତ୍ୟାଧୁନିକ ସାଇନ୍ସ ଲାବୋରେଟୋରୀ । ଏହାସହିତ ନବନିର୍ମିତ ଇ-ଲାଇବ୍ରେରୀ ପାଠବହି ସହ ପିଲାଙ୍କୁ ଦେଶ ଦୁନିଆର ଖବର ଗୋଟିଏ କ୍ଲିକ୍‌ରେ ଯୋଗାଇ ଦେଉଛି । ଇଣ୍ଟରନେଟ୍ ସଂଯୋଗ ଥିବା କମ୍ପ୍ୟୁଟର ମାଧ୍ୟମରେ ପିଲାମାନେ ଅନେକ କିଛି ନୂଆ କରିବାର ଓ ଜାଣିବାର ସୁଯୋଗ ପାଉଛନ୍ତି । ସନ୍ଦେହ ଦୂର କରୁଛନ୍ତି । ଇଣ୍ଟରନେଟ୍‌ରେ ଶତାଧିକ ଇ-ପୁସ୍ତକ ପଢ଼ିବାର ସୁବିଧା ହାସଲ କରୁଛନ୍ତି । ସ୍କୁଲର ଏହି ପରିବର୍ତ୍ତିତ ପରିବେଶ ପିଲାମାନଙ୍କ ପାଠପଢ଼ାକୁ ଦ୍ୱିଗୁଣିତ କରିଛି । ଶିକ୍ଷଣୀୟ ଚିତ୍ରକଳା ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରୁଛି । ପିଲାମାନଙ୍କର ପ୍ରତିଭାକୁ ବି ନୂଆ ଦିଶା ମିଳୁଛି ।





# ଯାଜପୁର ଜିଲ୍ଲା ସ୍କୁଲ୍

## ବଦଳୁଛି ସ୍କୁଲ୍, ବଢୁଛି ଦକ୍ଷତା

୧୮୮୩ ମସିହାରେ ଯାଜପୁର ସହରରେ ପ୍ରତିଷ୍ଠା ହୋଇଥିଲା ଯାଜପୁର ଜିଲ୍ଲା ସ୍କୁଲ । ବହୁ ସ୍ୱନାମଧନ୍ୟ ବ୍ୟକ୍ତିବିଶେଷଙ୍କୁ ଗଢ଼ି ତୋଳିଥିବା ୧୪୦ ବର୍ଷର ଏହି ଐତିହ୍ୟ ବିଦ୍ୟାଳୟକୁ ନେଇ ଗର୍ବ କରେ ସାରା ରାଜ୍ୟ। ତେବେ ରାଜ୍ୟ ସରକାରଙ୍କ ୫-ଟି ହାଇସ୍କୁଲ ରୂପାନ୍ତରୀକରଣ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ ହେବାପରେ ବଦଳିଯାଇଛି ଏହି ବିଦ୍ୟାଳୟର ରୂପରେଖ । ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୭୦୦ ଛାତ୍ରଛାତ୍ରୀଙ୍କ ପାଖରେ ପହଞ୍ଚି ପାରଛି ଗୁଣାତ୍ମକ ଶିକ୍ଷା ସହ ଉନ୍ନତ ଭିତ୍ତିଭୂମି।

ବଦଳୁଛି ବିଦ୍ୟାଳୟ, ବଦଳୁଛି ରାଜ୍ୟ। 'ଶିକ୍ଷା'ର ବିକାଶରେ ରାଜ୍ୟର ବିକାଶ। ଏହାକୁ ଭିତ୍ତିକରି ଓଡ଼ିଶା ସରକାର ବିଦ୍ୟାଳୟ ଶିକ୍ଷାରେ ଆଣୁଛନ୍ତି ବୈପ୍ଳବିକ ପରିବର୍ତ୍ତନ। ଉନ୍ନତ ଶିକ୍ଷାର ଆଧାରରେ ହେଉଛି ନୂତନ ଓଡ଼ିଶା ବିକାଶ ପଥର ପରିକଳ୍ପନା। ଆଗାମୀ ପିଢ଼ିକୁ ନୂଆ ରାସ୍ତା ଦେଖାଇବାର ପ୍ରଥମ ସଂଯୋଜନା। ଶିକ୍ଷା ଓ ଶିକ୍ଷା ବ୍ୟବସ୍ଥାକୁ ନୂଆରୂପରେ ଗଢି ତୋଳିବା ପାଇଁ ଯାଜପୁର ଜିଲ୍ଲା ସ୍କୁଲ୍ ୫-ଟି ହାଇସ୍କୁଲ୍ ରୂପାନ୍ତରୀକରଣ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ହୋଇଛି। ଏବେ ଏଠାରେ ସବୁକିଛି ବଦଳିଛି, ପୁରୁଣା ବ୍ୟବସ୍ଥାରେ ସୁଧାର ଆସିଛି। ବିଦ୍ୟାଳୟର ପ୍ରତିଟି ଆନୁସଙ୍ଗିକ ବ୍ୟବସ୍ଥାକୁ ନୂଆ ରୂପ ମିଳିଛି। ବଦଳିଛି କଳାପଟା, ଲାଗିଛି ଆତ୍ୟାଧୁନିକ ସ୍ମାର୍ଟ ବୋର୍ଡ଼। ଲାଇବ୍ରେରୀ ପରିବର୍ତ୍ତେ ଅତ୍ୟାଧୁନିକ ଇ-ଲାଇବ୍ରେରୀ ତିଆରି କରାଯାଇଛି। ପିଲାମାନଙ୍କୁ ସାଇନ୍ସ ଲାବୋରେଟୋରୀରେ ପରୀକ୍ଷଣ କରିବାର ସୁଯୋଗ ମିଳିଛି। ଏ ସବୁକୁ ଆଧାର କରି ବଦଳୁଛି ଛାତ୍ରଛାତ୍ରୀମାନଙ୍କର ଦକ୍ଷତା । ସବୁକ୍ଷେତ୍ରରେ ସେମାନେ ସଫଳତା ସାଉଁଟୁଛନ୍ତି।

### ୧୪୦ ବର୍ଷର ଐତିହ୍ୟ ବିଦ୍ୟାଳୟ



**'ମୋ ସ୍କୁଲ୍ ଅଭିଯାନ'ର 'ବିଦ୍ୟାଳୟ ପୋଷ୍ୟଗ୍ରହଣ କାର୍ଯ୍ୟକ୍ରମ' ମାଧ୍ୟମରେ ଏହି ବିଦ୍ୟାଳୟକୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଶ୍ରୀ ଆର୍. ବାଲକ୍ରିଷ୍ଣନ୍, ସ୍କୁଲର ପୁରାତନ ଛାତ୍ର ତଥା କେନ୍ଦ୍ରାପଡ଼ା ଜିଲ୍ଲାପାଳ ଶ୍ରୀ ଅମ୍ରିତ ଋତୁରାଜ ଏବଂ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଶ୍ରୀ ସୁରେଶ ମହାପାତ୍ର ପୋଷ୍ୟ ଭାବରେ ଗ୍ରହଣ କରି ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ହାତକୁ ନେଇଛନ୍ତି।**





ପିଲାମାନଙ୍କୁ କ୍ରୀଡ଼ା ପ୍ରତି ଆକୃଷ୍ଟ କରିବାକୁ ଉଭୟ ଇନ୍‌ଡୋର ଏବଂ ଆଉଟ୍‌ଡୋର ଖେଳ ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇଛି। ସୁରକ୍ଷାର ଆବଶ୍ୟକତାକୁ ଦୃଷ୍ଟିରେ ରଖି କ୍ୟାମ୍ପସ୍ ପରିସରରେ ସିସିଟିଭି କ୍ୟାମେରା ଲଗାଯାଇଛି । ବିଶୁଦ୍ଧ ପାନୀୟଜଳ ସାଙ୍ଗକୁ ଅତ୍ୟାଧୁନିକ ଶୌଚାଳୟର ସୁବିଧା ପିଲାଙ୍କ ପାଖରେ ପହଞ୍ଚି ପାରିଛି। ରାଜ୍ୟର ପ୍ରତିଟି ପିଲା ନିକଟରେ ଉନ୍ନତ ଶିକ୍ଷା ଉପଲବ୍ଧ କରାଇବା ପାଇଁ ଓଡ଼ିଶା ସରକାର ଯେଉଁ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି ତାହା ସ୍ୱାଗତଯୋଗ୍ୟ ବୋଲି ସ୍କୁଲର ପ୍ରଧାନଶିକ୍ଷକ ମତବ୍ୟକ୍ତ କରିଛନ୍ତି।

# ଜିତାମିତ୍ର ସରକାରୀ ଉଚ୍ଚ ବିଦ୍ୟାଳୟ, କୋମନା

## ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢୁଛି ଆଧୁନିକ ଶିକ୍ଷା ବ୍ୟବସ୍ଥା



ନୂଆପଡା ଜିଲ୍ଲାର କୋମନା ଅଞ୍ଚଳର ଲୋକମାନଙ୍କୁ ଶିକ୍ଷିତ କରିବା ଉଦ୍ଦେଶ୍ୟରେ ୧୯୬୧ ମସିହାରେ ଖଡ଼ିଆଳ ରାଜା ଜିତାମିତ୍ର ସିଂଦେଓ ଏକ ବିଦ୍ୟାଳୟ ସ୍ଥାପନ କରିଥିଲେ। ରାଜାଙ୍କ ଉଦ୍ୟମରେ ମାତ୍ର ଦୁଇ ବଖରା ଚାଳଘରେ ଆରମ୍ଭ ହୋଇଥିଲା ପାଠପଢ଼ା। ସମୟ କ୍ରମେ ଲୋକେ ଶିକ୍ଷାର ମହତ୍ତ୍ୱ ବୁଝିଲେ। ଧୀରେ ଧୀରେ ସ୍କୁଲରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବଢ଼ିଲା। ହେଲେ ଏତେ ଅଧିକ ପିଲାଙ୍କୁ ଶିକ୍ଷାଦାନ କରିବାକୁ ସ୍କୁଲରେ ନା ଥିଲେ ଶିକ୍ଷକ ନା ଥିଲା ଶ୍ରେଣୀଗୃହ। ଇତିମଧ୍ୟରେ ସ୍କୁଲ୍ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲର ମାନ୍ୟତା ପାଇଲା। ସ୍କୁଲର ନାମକୁ ରାଜାଙ୍କ ନାମରେ ଜିତାମିତ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ଭାବରେ ନାମିତ କରାଗଲା।



ବିଗତ ୬୦ ବର୍ଷ ମଧ୍ୟରେ ଏହି ସ୍କୁଲ ହଜାର ହଜାର ଛାତ୍ରଛାତ୍ରୀଙ୍କୁ ଗଢ଼ିତୋଳିଛି, ଯେଉଁମାନେ ଏବେ ରାଜ୍ୟ ଓ ଦେଶର ଭବିଷ୍ୟତ ଗଢ଼ି ତୋଳୁଛନ୍ତି। ୨୦୨୧ ମସିହାରେ ଏହି ସ୍କୁଲ୍ ରାଜ୍ୟ ସରକାରଙ୍କର ୫-ଟି ହାଇସ୍କୁଲ ରୂପାନ୍ତରୀକରଣ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଅର୍ନ୍ତଭୁକ୍ତ ହେବାପରେ ସ୍କୁଲର ରୂପ ସମ୍ପୂର୍ଣ୍ଣ ବଦଳିଯାଇଛି। କେବଳ ପାଠପଢ଼ା ନୁହେଁ, ପିଲାମାନଙ୍କ ଭିତରେ ଲୁଚି ରହିଥିବା ବିଭିନ୍ନ ପ୍ରତିଭା ଲୋକଲୋଚନକୁ ଆସିପାରିଛି । ଅତ୍ୟାଧୁନିକ ଭିତ୍ତିଭୂମି ଓ ଆଧୁନିକ ଶିକ୍ଷା ବ୍ୟବସ୍ଥା ମଧ୍ୟରେ ଗଢାଯାଉଛି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ। ସ୍ମାର୍ଟ କ୍ଲାସରୁମ୍, ଇ-ଲାଇବ୍ରେରୀ, ଅତ୍ୟାଧୁନିକ ବିଜ୍ଞାନାଗାର ସହ ସେମାନଙ୍କୁ କ୍ରୀଡ଼ା ଭିତ୍ତିଭୂମି ଓ କ୍ରୀଡ଼ା ଉପକରଣ ଯୋଗାଇ ଦିଆଯାଇଛି।

ରାଜ୍ୟ ଓ ଜାତୀୟସ୍ତରୀୟ ମଞ୍ଚରେ ପାରମ୍ପରିକ ସମ୍ବଲପୁରୀ ନୃତ୍ୟ ପରିବେଷଣ କରି ଜିତାମିତ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ନିଜ ବିଦ୍ୟାଳୟ ଓ ଜିଲ୍ଲା ପାଇଁ ଅନେକ ପ୍ରଶଂସା ସାଉଁଟିଛନ୍ତି। ଏହାସହ କବାଡ଼ି, ଫୁଟବଲ୍‌ରେ ମଧ୍ୟ ଜିଲ୍ଲାସ୍ତରରେ ପୁରସ୍କୃତ ହୋଇଛନ୍ତି। କେବଳ ସେତିକି ନୁହେଁ, ବାଦ୍ୟ ସଙ୍ଗୀତରେ ମଧ୍ୟ ବିଦ୍ୟାଳୟର ଜଣେ ଛାତ୍ର ଜାତୀୟ ପୁରସ୍କାର ବିଜେତା ହୋଇଛନ୍ତି। ରୂପାନ୍ତରିତ ବିଦ୍ୟାଳୟର ପରିବର୍ତ୍ତିତ ରୂପ କେବଳ ବର୍ତ୍ତମାନର ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରୁନି, 'ମୋ ସ୍କୁଲ ଅଭିଯାନ' ମାଧ୍ୟମରେ ନିଜ ସ୍କୁଲ୍ ସହ ଯୋଡ଼ି ହୋଇଥିବା ପୁରାତନ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ଗର୍ବିତ କରିଛି। ଛାତ୍ରଛାତ୍ରୀଙ୍କର ବୌଦ୍ଧିକ ବିକାଶରେ ସହଯୋଗ କରିବାକୁ ସେମାନଙ୍କୁ ଉତ୍ସାହିତ କରିଛି।

**ଶିକ୍ଷା ମଣିଷକୁ ଶିକ୍ଷିତ କରିଥାଏ । ମାତ୍ର ସର୍ବାଙ୍ଗୀନ ଶିକ୍ଷା ପିଲାମାନଙ୍କ ସୃଜନଶୀଳତାକୁ ପ୍ରୋତ୍ସାହନ ଦେବା ସହ ନୂତନ ଜ୍ଞାନୋଦୟ ଓ ଜାଗରଣ ସୃଷ୍ଟି କରିପାରିବ । ଆଣିଦେବ ନିଜକୁ ଆବିଷ୍କାର କରିବାର ସୁଯୋଗ । ୫-ଟି ହାଇସ୍କୁଲ୍ ରୂପାନ୍ତରୀକରଣ ମାଧ୍ୟମରେ ସୃଷ୍ଟି ହେଉଛି ଅସରନ୍ତି ସୁଯୋଗ।**

# ପାଞ୍ଚଗଡ ବିଜୟକୁମାର ଉଚ୍ଚ ବିଦ୍ୟାଳୟ, ବଅଁରପାଳ

## ଅନ୍ୟ ଜିଲ୍ଲାରୁ ଆସି ନାମ ଲେଖାଉଛନ୍ତି ଛାତ୍ରଛାତ୍ରୀ



ଗଡ଼ସନ୍ତରୀ, ବୁଢ଼ାପଙ୍କ, ଗୋତମରା, ନୂଆହତା ଓ ବଳରାମ ପ୍ରସାଦ। ଅନୁଗୋଳ ଜିଲ୍ଲାର ଏହି ପାଞ୍ଚଟି ଗଡ଼କୁ ନେଇ ଗଠିତ ‘ପାଞ୍ଚଗଡ’। ବର୍ତ୍ତମାନର ବଅଁରପାଳ ବ୍ଲକ୍ ଭାବରେ ପରିଚିତ ଏହି ଅଞ୍ଚଳରେ ରହିଛି ପାଞ୍ଚଗଡ ବିଜୟକୁମାର ଉଚ୍ଚ ବିଦ୍ୟାଳୟ । ୧୯୬୨ ମସିହାରେ ଏହି ବିଦ୍ୟାଳୟକୁ ପ୍ରତିଷ୍ଠା କରିଥିଲେ ରାଜା ସୋମନାଥ ସିଂ ଜଗଦେବ। ପାଞ୍ଚଟି ଗଡ଼ର ମୋଟ ୫ଟି ପିଲାଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ବିଦ୍ୟାଳୟରେ ଏବେ ୬୦୫ଜଣ ଛାତ୍ରଛାତ୍ରୀ ପାଠପଢୁଛନ୍ତି । ୫ ରୁ ୬୦୫ ଛାତ୍ରଛାତ୍ରୀରେ ପହଞ୍ଚିବାର ଏହି ଯାତ୍ରାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି ରାଜ୍ୟ ସରକାରଙ୍କ ‘ମୋ ସ୍କୁଲ ଅଭିଯାନ’ ଏବଂ ‘୫-ଟି ହାଇସ୍କୁଲ ରୂପାନ୍ତରୀକରଣ କାର୍ଯ୍ୟକ୍ରମ’।

ରାଜ୍ୟ ସରକାରଙ୍କର ‘୫-ଟି ହାଇସ୍କୁଲ ରୂପାନ୍ତରୀକରଣ କାର୍ଯ୍ୟକ୍ରମ’ ଅଧୀନରେ ରୂପାନ୍ତରିତ ହେବାପରେ ଛାତ୍ରଛାତ୍ରୀମାନେ ଏବେ ଆଉ ସାଧାରଣ ଶ୍ରେଣୀଗୃହରେ ନୁହେଁ, ସ୍ମାର୍ଟ କ୍ଲାସରୁମ୍‌ରେ ବସି ଅତ୍ୟାଧୁନିକ ଜ୍ଞାନକୌଶଳ ଉପଯୋଗରେ ପାଠ ପଢ଼ିପାରୁଛନ୍ତି। ସେହିଭଳି ସ୍କୁଲ୍‌ରେ ଥିବା ସାଧାରଣ ପାଠାଗାର ଏବେ ଇ-ଲାଇବ୍ରେରୀର ରୂପ ନେଇଛି। ବିଜ୍ଞାନ ଖାଲି ଆଉ ପାଠବହିରେ ସୀମିତ ହୋଇ ରହିନାହିଁ। ଅତ୍ୟାଧୁନିକ ବିଜ୍ଞାନାଗାରରେ ଲାବୋରେଟୋରୀରେ ବସି ଏବେ ପିଲାମାନେ ପରୀକ୍ଷାନିରୀକ୍ଷା ସହ ବିଜ୍ଞାନ ପଢୁଛନ୍ତି ଓ ବୁଝୁଛନ୍ତି। ଏ ସବୁ ସୁବିଧା ସୁଯୋଗ ଦ୍ୱାରା ସ୍କୁଲ୍‌ରେ କେବଳ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇନି, ସେମାନେ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମଧ୍ୟ ସାଉଁଟୁଛନ୍ତି। ରୂପାନ୍ତରିତ ହେବାପରେ ଜିଲ୍ଲା ବାହାରୁ ଏକାଧିକ ଛାତ୍ରଛାତ୍ରୀ ଆସି ପାଞ୍ଚଗଡ ବିଜୟକୁମାର ଉଚ୍ଚ ବିଦ୍ୟାଳୟରେ ପାଠ ପଢୁଛନ୍ତି। ୫-ଟି ହାଇସ୍କୁଲ ରୂପାନ୍ତରଣ ପରେ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ସମ୍ଭବ ହୋଇପାରିଛି । ପାଠପଢ଼ା ବ୍ୟତୀତ ଖେଳକୁଦରେ ମଧ୍ୟ ଅନେକ ପ୍ରତିଭା ଗଢ଼ିଉଠିଛନ୍ତି। ଖୋ-ଖୋ ଓ କବାଡ଼ିରେ ରାଜ୍ୟସ୍ତରୀୟ ବିଜେତା ସୃଷ୍ଟିକରିଛି ଏହି ବିଦ୍ୟାଳୟ। ଜାତୀୟସ୍ତରୀୟ ବିଜ୍ଞାନମେଳା ପାଇଁ ମଧ୍ୟ ଏକାଧିକ ଛାତ୍ରଛାତ୍ରୀ ଯୋଗ୍ୟ ବିବେଚିତ ହୋଇଛନ୍ତି। ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ମାର୍ଗଦର୍ଶନ ସହ ବିଦ୍ୟାଳୟର ଅତ୍ୟାଧୁନିକ ଭିତ୍ତିଭୂମି ଆଜି ଛାତ୍ରଛାତ୍ରୀଙ୍କ ସୁଦୃଢ଼ ଭବିଷ୍ୟତ ଗଢ଼ିବାରେ ସାହାଯ୍ୟ କରୁଛି।









## ଗୋଡ଼ିସାହି ସରକାରୀ ଉଚ୍ଚ ବିଦ୍ୟାଳୟ, କଟକ

# କ୍ରୀଡ଼ାବିତ୍ ସୃଷ୍ଟିକରିବ ଅତ୍ୟାଧୁନିକ କ୍ରୀଡ଼ା ଭିତ୍ତିଭୂମି









ସବୁଜ ସୁନ୍ଦର ପରିବେଶ ମଧ୍ୟରେ ଭଳିକି ଭଳି ଫୁଲ, ଫଳ ଓ ଗଛଲତା। ତା' ସାଙ୍ଗକୁ ଚିଡ଼ିଆଖାନାର ଭ୍ରମ ସୃଷ୍ଟି କରୁଛନ୍ତି ବିଭିନ୍ନ ପ୍ରକାରର କୃତ୍ରିମ ପଶୁପକ୍ଷୀ। କେଉଁଠି ହରିଣମାନେ ଘାସ ଚରୁଛନ୍ତି ତ କେଉଁଠି ସିମ୍ପାଞ୍ଜିଟିଏ ଗଛ ଛାଇରେ ବସି ଥକା ମେଣ୍ଟାଉଛି। ଆଉ କେଉଁଠି ବଗବଗୁଲି ଧ୍ୟାନର ସହ ପାଣିକୁ ଚାହିଁରହିଛନ୍ତି। ଏହାସହ  ପିଲାମାନଙ୍କୁ ପ୍ରେରଣା ଯୋଗାଉଛନ୍ତି ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଓ ସେମାନେ କହିଯାଇଥିବା ମହତ୍ ବାଣୀ। ସହରଠାରୁ ଦୂରରେ ଥିବା କଟକ ଜିଲ୍ଲା ବାରଙ୍ଗ ବ୍ଲକର ଗୋଡ଼ିସାହି ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ ଅନନ୍ୟ ପରିବେଶ ଯୋଗାଇଦେଇଛି। ରାଜ୍ୟ ସରକାରଙ୍କ 'ମୋ ସ୍କୁଲ୍ ଅଭିଯାନ' ଏବଂ '୫-ଟି ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମ' ମାଧ୍ୟମରେ ନୂଆ ରୂପ ପାଇଥିବା ଏହି ବିଦ୍ୟାଳୟର ମନଲୋଭା ପରିବେଶ ଛୋଟ ପିଲାମାନଙ୍କଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଆକୃଷ୍ଟ କରୁଛି। ଆଗରୁ ସ୍କୁଲ୍ ଆସିବାକୁ ଡରୁଥିବା ପ୍ରାଥମିକ ବିଦ୍ୟାଳୟର ଛୋଟ ପିଲାମାନେ ଏବେ ସ୍ମାର୍ଟ ବୋର୍ଡରେ ପାଠ ପଢ଼ିବାକୁ ପ୍ରତିଦିନ ସ୍କୁଲ୍ ଆସୁଛନ୍ତି। ସୌନ୍ଦର୍ଯ୍ୟପୂର୍ଣ୍ଣ ବିଦ୍ୟାଳୟ ଉଦ୍ୟାନରେ ସାଙ୍ଗସାଥିଙ୍କ ସହ ଖେଳୁଛନ୍ତି। ନୂଆ କଥା ଶିଖୁଛନ୍ତି। ଦେଶ, ରାଜ୍ୟର କଥା ଜାଣୁଛନ୍ତି।

କେବଳ ଆକର୍ଷଣୀୟ ପରିବେଶ ନୁହେଁ, ଉପଯୁକ୍ତ ଶୈକ୍ଷିକ ବାତାବରଣ ସହ ଉନ୍ନତ ଭିତ୍ତିଭୂମି ୧୯୬୧ ମସିହାର ଏହି ବିଦ୍ୟାଳୟକୁ ସ୍ୱତନ୍ତ୍ର ପରିଚୟ ଦେଇଛି। ଅତ୍ୟାଧୁନିକ ସ୍ମାର୍ଟ କ୍ଲାସରୁମ୍, ଇ-ଲାଇବ୍ରେରୀ, ସାଇନ୍ସ ଲାବୋରେଟୋରୀ ସହ ଛାତ୍ରଛାତ୍ରୀମାନଙ୍କର ପାଠପଢ଼ିବାର ଆଗ୍ରହ ବୃଦ୍ଧି ପାଇଛି। ବିଦ୍ୟାଳୟର ସମସ୍ତ କାର୍ଯ୍ୟକଳାପର ତତ୍ତ୍ୱାବଧାନ ତଥା ଭିତ୍ତିଭୂମିର ରକ୍ଷଣାବେକ୍ଷଣ ପାଇଁ ସ୍କୁଲ କ୍ୟାମ୍ପସ୍‌ରେ ସିସିଟିଭି ଲଗାଯାଇଛି। ବିଦ୍ୟାଳୟର ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୩୪୮ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୭୦ ପ୍ରତିଶତ ଛାତ୍ରଛାତ୍ରୀ ଅନୁସୂଚିତ ଜାତି ଓ ଜନଜାତି ବର୍ଗର । କ୍ରୀଡ଼ା ପ୍ରତି ସେମାନଙ୍କର ରହିଛି ବିଶେଷ ଆଗ୍ରହ। ପିଲାମାନଙ୍କର ଆଗ୍ରହକୁ ଦୃଷ୍ଟିରେ ରଖି ସ୍କୁଲରେ ଏକ ହକି ଷ୍ଟାଡିୟମ୍ ନିର୍ମାଣ କରାଯାଇଛି। ଏହାସହ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ସୁନାମ ଆଣିଦେଇଛନ୍ତି ଏହି ବିଦ୍ୟାଳୟର  ଛାତ୍ରଛାତ୍ରୀ। ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ମଧ୍ୟ ସ୍କୁଲ୍‌ର ବାଳିକା ଫୁଟବଲ୍ ଦଳ ବିଜେତା ହେବାର ଗୌରବ ଅର୍ଜନ କରିଛନ୍ତି। ଏହାବ୍ୟତୀତ ଛାତ୍ରଛାତ୍ରୀମାନଙ୍କର ସୃଜନଶୀଳତାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ପ୍ରଧାନଶିକ୍ଷକ ଶ୍ରୀ ତ୍ରିଲୋଚନ ଜେନାଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ୬୨ତମ ବାର୍ଷିକ ଉତ୍ସବ ଉପଲକ୍ଷେ  ପ୍ରଥମଥର ପାଇଁ ଏକ ସାହିତ୍ୟ ପତ୍ରିକା ପ୍ରକାଶ କରାଯାଉଛି। ଏହି ସଫଳତା ପାଇଁ ରାଜ୍ୟ ସରକାରଙ୍କୁ ଶ୍ରେୟ ଦିଅନ୍ତି । ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଓ ପୁରାତନ ଛାତ୍ର ସଂସଦ।

## ସରକାରୀ ଉଚ୍ଚ ବିଦ୍ୟାଳୟ, ପୂରଣ

# ଚକିତ କରିଛି ବିଦ୍ୟାଳୟର ଶତ ପ୍ରତିଶତ ଉପସ୍ଥାନ




ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ, ସମସ୍ତଙ୍କୁ ମିଳୁଛି ଗୁଣାତ୍ମକ ଶିକ୍ଷା । କେବଳ ଉଚ୍ଚ ବିଦ୍ୟାଳୟ ନୁହେଁ, ପ୍ରାଥମିକ ଶ୍ରେଣୀର ଛାତ୍ରଛାତ୍ରୀମାନେ ମଧ୍ୟ ସ୍ମାର୍ଟ ବୋର୍ଡ଼ରେ ପାଠ ପଢୁଛନ୍ତି । ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ଉପଯୋଗରେ ସୃଷ୍ଟି ହୋଇଥିବା ଶୈକ୍ଷିକ ବାତାବରଣ ଅଧିକରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରୁଛି । ଏପରି ଏକ ଆଦର୍ଶ ବିଦ୍ୟାଳୟର ଉଦାହରଣ ସାଜିଛି ଜଗତ୍‌ସିଂହପୁର ଜିଲ୍ଲା ବିରିଡ଼ି ବ୍ଲକର ପୂରଣ ସରକାରୀ ଉଚ୍ଚ ବିଦ୍ୟାଳୟ ।

୧୯୭୨ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟଟି ୨୦୨୧ ମସିହାରେ ରାଜ୍ୟ ସରକାରଙ୍କ '୫-ଟି ହାଇସ୍କୁଲ ରୂପାନ୍ତରୀକରଣ କାର୍ଯ୍ୟକ୍ରମ'ର ପ୍ରଥମ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ ହୋଇଥିଲା । ରୂପାନ୍ତରୀକରଣ ପରେ ଏହି ବିଦ୍ୟାଳୟରେ ସ୍ମାର୍ଟ କ୍ଲାସ୍‌ରୁମ୍, ଇ-ଲାଇବ୍ରେରୀ, ସାଇନ୍ସ ଲାବୋରେଟୋରୀ, ମଧ୍ୟାହ୍ନ ଭୋଜନ ପ୍ରକୋଷ୍ଠ, ଅତ୍ୟାଧୁନିକ କ୍ୟାମ୍ପସ୍ ସହ ଏକ ଖେଳ ପଡ଼ିଆର ନିର୍ମାଣ କରାଯାଇଛି । ଉପକୂଳ





ଅଞ୍ଚଳ ହୋଇଥିବାରୁ ପୂର୍ବରୁ ଏଠାରେ ପାନୀୟଜଳର ସମସ୍ୟା ଲାଗିରହୁଥିଲା । ମାତ୍ର ସ୍କୁଲ୍ ରୂପାନ୍ତରଣ ପରେ ପିଲାମାନେ ଏବେ ବିଶୁଦ୍ଧ ପାନୀୟଜଳ ପାଇପାରୁଛନ୍ତି । ରାଜ୍ୟ ସରକାରଙ୍କ ଏହି ଅଭିନବ କାର୍ଯ୍ୟକ୍ରମ ଦ୍ୱାରା ଏଠାରେ ଥିବା ସମସ୍ତ ଅସୁବିଧା ଏବେ ଦୂର ହୋଇଛି । ବିଦ୍ୟାଳୟ ପରିବେଶ ପିଲାମାନଙ୍କୁ ଆକୃଷ୍ଟ କରୁଛି । ଫଳରେ ଛାତ୍ର ଉପସ୍ଥାନରେ ଉଲ୍ଲେଖନୀୟ ବୃଦ୍ଧି ଦେଖିବାକୁ ମିଳିଛି । ମାତ୍ର ଏକ ବର୍ଷ ଭିତରେ ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ବିଭିନ୍ନ ଶ୍ରେଣୀରେ ନାମ ଲେଖାଇଛନ୍ତି । ଏହାସହ ଦୈନିକ ଉପସ୍ଥାନ ଶତ ପ୍ରତିଶତ ରହୁଥିବା ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ଅଶୋକ କୁମାର ନାଦେଲୀ କହିଛନ୍ତି । ଶ୍ରୀ ନାଦେଲୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂରଣ ସରକାରୀ ଉଚ୍ଚ ବିଦ୍ୟାଳୟ ହାଇସ୍କୁଲ ରୂପାନ୍ତରୀକରଣ କାର୍ଯ୍ୟକ୍ରମର ଏକ ସଫଳ ଦୃଷ୍ଟାନ୍ତରେ ପରିଣତ ହୋଇପାରିଛି ।

# ଜନତା ଉଚ୍ଚ ବିଦ୍ୟାଳୟ, ଜିରାଙ୍ଗ

## ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରୁଛି ଗୁଣାତ୍ମକ ଶିକ୍ଷା






ବଦଳିଛି ବିଦ୍ୟାଳୟର ରୂପରେଖ। ସ୍ମାର୍ଟ ହୋଇଛି ସ୍କୁଲ୍, ତାହାସହ ସ୍ମାର୍ଟ ହୋଇଛନ୍ତି ପିଲା। କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ୍ ଜିରାଙ୍ଗ ପଞ୍ଚାୟତର ଜନତା ଉଚ୍ଚ ବିଦ୍ୟାଳୟ ରାଜ୍ୟ ସରକାରଙ୍କ ୫-ଟି ହାଇସ୍କୁଲ୍ ରୂପାନ୍ତରୀକରଣ କାର୍ଯ୍ୟକ୍ରମ ମାଧ୍ୟମରେ ପାଇଛି ନୂଆ ରୂପ। ୧୯୭୭ ମସିହାରେ ସ୍ଥାପିତ ଏହି ସ୍କୁଲ୍ ୫-ଟି ହାଇସ୍କୁଲ୍ ରୂପାନ୍ତରୀକରଣ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ ହୋଇଥିଲା। ଜିରାଙ୍ଗ ପଞ୍ଚାୟତର ଏକମାତ୍ର ବିଦ୍ୟାଳୟ ଭାବରେ ଶିକ୍ଷା କ୍ଷେତ୍ରରେ ପ୍ରମୁଖ ଭୂମିକା ନିର୍ବାହ କରିଥିବା ଏହି ସ୍କୁଲ୍ ରୂପାନ୍ତରଣ ପରେ ନୂଆ ରୂପ ସହ ନୂଆ ପରିଚୟ ପାଇଛି।

ଦୀର୍ଘ ବର୍ଷ ଧରି ଛାତ୍ରଛାତ୍ରୀଙ୍କର ଗୁଣାତ୍ମକ ଶିକ୍ଷାର ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଏହି ବିଦ୍ୟାଳୟରେ ପୂର୍ବରୁ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ରହିଥିଲେ ମଧ୍ୟ ଏହାକୁ ଅଧିକ ଉନ୍ନତ କରିବା ଲକ୍ଷ୍ୟରେ ସ୍କୁଲ୍କୁ '୫-ଟି ହାଇସ୍କୁଲ୍ ରୂପାନ୍ତରୀକରଣ' କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରିଥିଲେ ରାଜ୍ୟ ସରକାର। ସ୍କୁଲ୍ର ଭିତ୍ତିଭୂମି ବିକଶିତ ହେବା ପରେ ଛାତ୍ରଛାତ୍ରୀଙ୍କ ମନରେ ନୂଆ ଉତ୍ସାହ ସୃଷ୍ଟି ହୋଇଛି । ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ପ୍ରତି ଆଗ୍ରହ ବୃଦ୍ଧି ପାଇଛି । କେବଳ ସେତିକି ନୁହେଁ, ଶିକ୍ଷକ-ଶିକ୍ଷୟିତ୍ରୀମାନେ ଶିକ୍ଷାଦାନ କ୍ଷେତ୍ରରେ ମଧ୍ୟ ପୂର୍ବ ଅପେକ୍ଷା ଅଧିକ ଯତ୍ନଶୀଳ ହୋଇଛନ୍ତି।

ଗୋଟିଏ କି ଦୁଇଟି ନୁହେଁ, ଏହି ସ୍କୁଲ୍ରେ ତିଆରି ହୋଇଛି ଚାରୋଟି ସ୍ମାର୍ଟ କ୍ଲାସରୁମ୍। ୨୫୦୦ ଗ୍ରନ୍ଥ ବିଶିଷ୍ଟ ଗ୍ରନ୍ଥାଗାର ସହ ତିଆରି ହୋଇଛି ଆଉ ଏକ ନୂଆ ଇ-ଲାଇବ୍ରେରୀ। ସେଠାରେ ୬୫ରୁ ଅଧିକ ଇ-ବୁକ୍ ଡାଉନ୍ଲୋଡ ହୋଇ ରହିଛି। ସେହିଭଳି ବିଦ୍ୟାଳୟସ୍ତରରୁ ହିଁ ଛାତ୍ରଛାତ୍ରୀମାନେ ବିଜ୍ଞାନାଗାରରେ ପରୀକ୍ଷଣ ସହ ବିଜ୍ଞାନ ପଢ଼ିବାର ସୁଯୋଗ ପାଉଛନ୍ତି। ଏହାସହ କେଉଁଝର ଜିଲ୍ଲାର ପ୍ରଥମ ବିଦ୍ୟାଳୟ ଭାବରେ ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ବିଜେତା ହେବାର ସୁଯୋଗ ପାଇଛି ଏହି ବିଦ୍ୟାଳୟ। ୫-ଟି ହାଇସ୍କୁଲ୍ ରୂପାନ୍ତରୀକରଣ କାର୍ଯ୍ୟକ୍ରମ ସହ 'ମୋ ସ୍କୁଲ ଅଭିଯାନ' ମାଧ୍ୟମରେ ଏହି ସ୍କୁଲରେ ଅନେକ ଉନ୍ନତିମୂଳକ କାର୍ଯ୍ୟ କରାଯାଇଛି। ଏହି ଯୁଗାନ୍ତକାରୀ ପଦକ୍ଷେପ ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁନୀଲ କୁମାର ପାଇକରାୟ ରାଜ୍ୟ ସରକାର ଓ ପୁରାତନ ଛାତ୍ରସଂସଦକୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।






# 'ମୋ ସ୍କୁଲ୍' ଖବର

# ରେକର୍ଡ ସୃଷ୍ଟିକଲା 'ମୋ ସ୍କୁଲ୍ ଅଭିଯାନ'

## ୫ ବର୍ଷରେ ୫୦ ହଜାର ସ୍କୁଲ୍ ଅନ୍ତର୍ଭୁକ୍ତ

ପୁରାତନ ଛାତ୍ରଛାତ୍ରୀଙ୍କୁ ସେମାନେ ପଢ଼ିଥିବା ବିଦ୍ୟାଳୟ ସହ ସମ୍ପୃକ୍ତ କରି ରାଜ୍ୟରେ ଥିବା ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟର ବିକାଶ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦ୍ୱାରା ୨୦୧୭ ମସିହା ନଭେମ୍ବର ୧୪ ତାରିଖ ଶିଶୁ ଦିବସରେ ଆରମ୍ଭ ହୋଇଥିବା 'ମୋ ସ୍କୁଲ୍ ଅଭିଯାନ' ଇତିମଧ୍ୟରେ ୫ବର୍ଷ ପୂର୍ତ୍ତି କରିଛି। ମାତ୍ର ୫ବର୍ଷ ମଧ୍ୟରେ ରାଜ୍ୟର ୫୦ ହଜାର ବିଦ୍ୟାଳୟରେ ପହଞ୍ଚି 'ମୋ ସ୍କୁଲ୍' ବିଶ୍ୱର ଅନ୍ୟତମ ସର୍ବବୃହତ୍ ପୁରାତନ ଛାତ୍ରଛାତ୍ରୀ ସଂଯୋଗ କାର୍ଯ୍ୟକ୍ରମରେ ପରିଣତ ହେବାର ରେକର୍ଡ ସୃଷ୍ଟିକରିଛି। ଏଥିସହ ୨୦୨୨ ଶେଷ ସୁଦ୍ଧା ରାଜ୍ୟର ୫୦ ହଜାର ବିଦ୍ୟାଳୟରେ ପହଞ୍ଚିବାର ଲକ୍ଷ୍ୟକୁ ହାସଲ କରିଛି 'ମୋ ସ୍କୁଲ୍'। ଓଡ଼ିଶାର ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ପଢ଼ିଥିବା ୩୦ଲକ୍ଷରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ନିଜ ସ୍କୁଲ୍ ସହ ଯୋଡ଼ିହୋଇ ତାହାର ସର୍ବାଙ୍ଗୀନ ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ସାମାଜିକ ସଂସ୍ଥା, ବୁଦ୍ଧିଜୀବି, ପ୍ରତିଷ୍ଠିତ ବ୍ୟକ୍ତିବିଶେଷ, ବେସରକାରୀ ଅନୁଷ୍ଠାନ ଏବଂ କର୍ପୋରେଟ୍ ସଂସ୍ଥା ମଧ୍ୟ ସରକାରୀ ସ୍କୁଲର ବିକାଶ ପ୍ରକ୍ରିୟାରେ ସହଭାଗୀ ହୋଇଛନ୍ତି। ଦେଶ ବିଦେଶରେ ରହୁଥିବା ଓଡ଼ିଆମାନଙ୍କର ଓଡ଼ିଶାର ସ୍କୁଲ୍ ପ୍ରତି ଆଗ୍ରହ ବଢ଼ିଛି। 'ମୋ ସ୍କୁଲ୍ ଅଭିଯାନ' ରାଜ୍ୟର ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ସହ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ବିକାଶ, କ୍ରୀଡ଼ା, କଳା, ସଂସ୍କୃତି, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଭଳି କ୍ଷେତ୍ରରେ ପ୍ରତିଭା ପ୍ରଦର୍ଶନ ପାଇଁ ପିଲାମାନଙ୍କୁ ଉତ୍ସାହିତ କରୁଛି।

'ମୋ ସ୍କୁଲ୍' ସହ ଯୋଡ଼ି ହୋଇଥିବା ପୁରାତନ ଛାତ୍ରଛାତ୍ରୀ, ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଏବଂ ସାଧାରଣ ଜନତା ସ୍କୁଲଗୁଡ଼ିକର ବିକାଶ ପାଇଁ କେବଳ ଆର୍ଥିକ ସହାୟତା ଯୋଗାଇ ଦେଇନାହାନ୍ତି, ପିଲାମାନଙ୍କୁ ପଢ଼ାଇବା, କ୍ରୀଡ଼ା ଓ ଶିକ୍ଷା ଉପକରଣ ଆଦି ଦାନ କରିବା, ସ୍କୁଲର ବିଭିନ୍ନ କାର୍ଯ୍ୟରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସହଯୋଗ କରିବା ସହ ନିଜ ଅଭିଜ୍ଞତା ଓ ଅନୁଭୂତି ବାଣ୍ଟୁଛନ୍ତି। ଭବିଷ୍ୟତ ପିଢ଼ିଙ୍କୁ ଦକ୍ଷ କରି ଗଢ଼ି ତୋଳିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ପୁରାତନ ଛାତ୍ରଛାତ୍ରୀମାନଙ୍କ ଅନ୍ତର୍ଭୁକ୍ତି ଦ୍ୱାରା ଓଡ଼ିଶାରେ ସ୍କୁଲ୍ ଶିକ୍ଷାର ସର୍ବାଙ୍ଗୀନ ବିକାଶ ସମ୍ଭବ ହୋଇଛି। ରାଜ୍ୟର ପ୍ରତି ଦୁଇଜଣରେ ଜଣେ ପିଲା ଏହାଦ୍ୱାରା ଉପକୃତ ହୋଇଛନ୍ତି। 'ମୋ ସ୍କୁଲ୍ ଅଭିଯାନ' ରାଜ୍ୟର ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ପଢୁଥିବା ୪୫ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚିବାରେ ସଫଳ ହୋଇଛି।

'ମୋ ସ୍କୁଲ୍ ଅଭିଯାନ' ମାଧ୍ୟମରେ ଏବଂ ପୁରାତନ ଛାତ୍ରଛାତ୍ରୀଙ୍କ ସହଯୋଗରେ ସ୍କୁଲଗୁଡ଼ିକରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ କରାଯାଉଛି, ଯାହାମଧ୍ୟରେ ଶ୍ରେଣୀଗୃହ ନିର୍ମାଣ, ନବୀକରଣ, ସ୍ମାର୍ଟ କ୍ଲାସ୍‌ରୁମ୍, ପାଠାଗାର, ପାନୀୟଜଳ ଓ ଶୌଚାଳୟ ବ୍ୟବସ୍ଥା, ସୌନ୍ଦର୍ଯ୍ୟକରଣ ଏବଂ ସ୍କୁଲ୍ ପାରିପାର୍ଶ୍ୱିକ ପରିବେଶର ବିକାଶ ଆଦି ରହିଛି। ଏହାସହ ସ୍କୁଲଗୁଡ଼ିକରେ ଡିଜିଟାଲ ଭିତ୍ତିଭୂମିକୁ ସୁଦୃଢ଼ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଜାତୀୟ ଓ ଅନ୍ତର୍ଜାତୀୟ ସଂଗଠନ ସହ ମିଳିତ ଭାବରେ ଛାତ୍ରଛାତ୍ରୀ ଓ ଶିକ୍ଷକ, ଶିକ୍ଷୟିତ୍ରୀଙ୍କର ଦକ୍ଷତା ବିକାଶ ଦିଗରେ ମଧ୍ୟ 'ମୋ ସ୍କୁଲ୍' କାର୍ଯ୍ୟକରୁଛି।



# ମଡେଲ୍ ପାଠାଗାର ଉଦ୍‌ଘାଟନ କଲେ ‘ମୋ ସ୍କୁଲ୍’ ଅଧ୍ୟକ୍ଷା






## ହସି ଖେଳି ପିଲା ଶିଖିବେ ନୂଆ କଥା

ଭୁବନେଶ୍ୱରସ୍ଥିତ ଆଇଆରସି ଭିଲେଜ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ‘ମୋ ସ୍କୁଲ୍ ଅଭିଯାନ’ ପକ୍ଷରୁ ନିର୍ମିତ ଏକ ଶିଶୁ ସଂସାଧନ ପାଠାଗାର (Children's Resource Centre-cum-Library)କୁ ଉଦ୍‌ଘାଟନ କରିଛନ୍ତି ‘ମୋ ସ୍କୁଲ’ ଅଧ୍ୟକ୍ଷା ଶ୍ରୀମତୀ ସୁସ୍ମିତା ବାଗ୍‌ଚୀ । ‘ମୋ ସ୍କୁଲ୍’ ଦ୍ୱାରା ଏକ ମଡେଲ୍ ସେଣ୍ଟର ଭାବରେ ନିର୍ମିତ ଏହି ପାଠାଗାରରେ ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ ପ୍ରକାର ଶିକ୍ଷଣ ଉପକରଣ ଉପଲବ୍ଧ କରାଯାଇଛି । ଛାତ୍ରଛାତ୍ରୀଙ୍କ ପାଇଁ ସମସ୍ତ ଅତ୍ୟାଧୁନିକ ସୁବିଧା ସୁଯୋଗ ଏଠାରେ ଯୋଗାଇ ଦିଆଯାଇଛି । ଛୋଟ ପିଲାମାନେ ଯେପରି ଶବ୍ଦ, ସଂଖ୍ୟା, ବାକ୍ୟ ଗଠନ, ଖଣ୍ଡବାକ୍ୟ, କାହାଣୀ, ହସକଥା ଓ କବିତା ଆଦି ସହଜରେ ଶିଖିପାରିବେ ତାହାକୁ ଦୃଷ୍ଟିରେ ରଖି ‘ଖେଳରେ ଖେଳରେ ଶିକ୍ଷା’କୁ ଅଧିକ ପ୍ରୋତ୍ସାହନ ଦେଉଛନ୍ତି ଏଠାକାର ଶିକ୍ଷକ, ଶିକ୍ଷୟିତ୍ରୀ । ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ଏଠାରେ ବିଭିନ୍ନ ପ୍ରକାର ଶିକ୍ଷାମୂଳକ ଉପକରଣ ରହିଛି । ସେହିଭଳି ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ପାଇଁ ମଧ୍ୟ ଅନେକ ଉପାଦେୟ ପୁସ୍ତକ ଏହି ମଡେଲ୍ ପାଠାଗାରରେ ଉପଲବ୍ଧ ଅଛି । ଏହି ସଂସାଧନ କେନ୍ଦ୍ର ରବିବାର ଓ ଅନ୍ୟାନ୍ୟ ସରକାରୀ ଛୁଟିଦିନମାନଙ୍କରେ ମଧ୍ୟ ପିଲାମାନଙ୍କ ପାଇଁ ଖୋଲାରହିବ । ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ପିଲାମାନେ ମଧ୍ୟ ଛୁଟିଦିନମାନଙ୍କରେ ଆସି ସେଠାରେ ଶିକ୍ଷାଲାଭ କରିପାରିବେ ବୋଲି ଶିକ୍ଷୟିତ୍ରୀ ରତ୍ନମଞ୍ଜରୀ ଦାସ ମତବ୍ୟକ୍ତ କରିଛନ୍ତି ।

ଏହି ଅବସରରେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ତଥା ‘ମୋ ସ୍କୁଲ୍ ଅଭିଯାନ’ ସଦସ୍ୟ ସଚିବ ଶ୍ରୀ ଅନୁପମ ସାହା ଯୋଗଦେଇ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ରାଜ୍ୟର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଶିକ୍ଷକ ଶିକ୍ଷୟିତ୍ରୀମାନେ ଅଭିନବ ଶିକ୍ଷା ଉପକରଣ ବ୍ୟବହାର ଦିଗରେ ସେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ‘ମୋ ସ୍କୁଲ୍ ଅଭିଯାନ’ ମୁଖ୍ୟ ପରିଚାଳନା ଅଧିକାରୀ ଶ୍ରୀ ଅମରଜିତ ଜେନା, ଉପ-ନିର୍ଦ୍ଦେଶିକା ଶ୍ରୀମତୀ ସସ୍ମିତା ମାଳି, ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସ୍ନିଗ୍ଧା ମିଶ୍ର ଏବଂ ଭୁବନେଶ୍ୱର ବ୍ଲକ୍ ଶିକ୍ଷାଧିକାରୀ ପ୍ରଜ୍ଞା ପାରମିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଫୋକସ୍‌ରେ ‘କମ୍ୟୁନିକେଶନ ଇଂଲିଶ’

କଥିତ ଇଂରାଜୀ ତଥା ଛାତ୍ରଛାତ୍ରୀଙ୍କର ଇଂରାଜୀ ଦକ୍ଷତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଦିଲ୍ଲୀର ‘ଇଂଲିଶ ହେଲ୍ପର’ ସଂସ୍ଥା ସହ ହାତ ମିଳାଇଛି ‘ମୋ ସ୍କୁଲ୍ ଅଭିଯାନ’ । ‘ମୋ ସ୍କୁଲ୍’ର ‘ଷ୍ଟୁଡେଣ୍ଟ୍ ଆସ୍ପିରେଶନାଲ ପ୍ରୋଗ୍ରାମ’ ଅଧୀନରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯିବ । ଛାତ୍ରଛାତ୍ରୀଙ୍କୁ ପ୍ରତିଦ୍ୱନ୍ଦିତାମୂଳକ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ସହ ଇଂଲିଶ ଭାଷାରେ ସେମାନେ ଯେପରି ସୁଦୃଢ଼ ହୋଇପାରିବେ ତାହାଉପରେ ଗୁରୁତ୍ୱ ଦିଆଯିବ । ୯ମ ଓ ୧୦ମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ କମ୍ୟୁନିକେଶନ ଇଂଲିଶ ପ୍ରତି ଆକୃଷ୍ଟ କରିବାକୁ ପ୍ରାରମ୍ଭିକ ପର୍ଯ୍ୟାୟରେ କଟକ, ଖୋର୍ଦ୍ଧା ଏବଂ ନୟାଗଡ଼ ଜିଲ୍ଲାର ୩୦ଟି ସ୍କୁଲରେ ପାଇଲଟ୍ ପ୍ରକଳ୍ପ ଭାବରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହାର ସଫଳତାକୁ ଦୃଷ୍ଟିରେ ରଖି ଆଗାମୀଦିନରେ ୨୭୪ଟି ସରକାରୀ ଉଚ୍ଚ ବିଦ୍ୟାଳୟରେ ‘ଇଂଲିଶ ହେଲ୍ପର’ ମାଧ୍ୟମରେ କମ୍ୟୁନିକେଶନ ଇଂଲିଶ କାର୍ଯ୍ୟକ୍ରମ ଆରମ୍ଭ କରାଯିବ । ‘ଇଂଲିଶ ହେଲ୍ପର’ ଦ୍ୱାରା ପ୍ରସ୍ତୁତ ହୋଇଥିବା ‘ରିଡ୍ ଟୁ ମି’ ସଫ୍ଟୱେର ଦ୍ୱାରା ଉଭୟ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କର ଇଂଲିଶ ଦକ୍ଷତା ବୃଦ୍ଧିରେ ଏହି କାର୍ଯ୍ୟକ୍ରମ ସହାୟକ ହେବ ।



# ଦକ୍ଷ ପ୍ରତିଭା ସୃଷ୍ଟିକରିବ 'ମୋ ସ୍କୁଲ୍ ହକି କ୍ଲବ୍'







ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶ ସହ ଆତ୍ମବିଶ୍ୱାସ ବୃଦ୍ଧି ଓ ମନୋବଳ ବୃଦ୍ଧିରେ କ୍ରୀଡ଼ା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ସ୍କୁଲଶିକ୍ଷାରେ କ୍ରୀଡ଼ାର ଗୁରୁତ୍ୱକୁ ଉପଲବ୍ଧ କରି ଓଡ଼ିଶାରେ '୫-ଟି ହାଇସ୍କୁଲ୍ ରୂପାନ୍ତରଣ କାର୍ଯ୍ୟକ୍ରମ' ମାଧ୍ୟମରେ ସ୍କୁଲ୍‌ଗୁଡ଼ିକରେ କ୍ରୀଡ଼ାଭିତ୍ତିକ କାର୍ଯ୍ୟକ୍ରମକୁ ପ୍ରାଥମିକତା ଦିଆଯାଇଛି। ରୂପାନ୍ତରିତ ହୋଇଥିବା ରାଜ୍ୟର ସମସ୍ତ ଉଚ୍ଚବିଦ୍ୟାଳୟରେ ବାସ୍କେଟ୍‌ବଲ୍, ଟେନିସ୍, ଫୁଟବଲ୍, ହକି ସହ ଓଡ଼ିଶାର ପାରମ୍ପରିକ କ୍ରୀଡ଼ା ପାଇଁ ଆବଶ୍ୟକ ଭିତ୍ତିଭୂମି ଏବଂ ଉପକରଣ ଯୋଗାଇ ଦିଆଯାଇଛି। ପିଲାମାନଙ୍କୁ ଅତିକମ୍‌ରେ ଗୋଟିଏ କ୍ରୀଡ଼ାରେ ଅଂଶଗ୍ରହଣ କରିବାକୁ ପ୍ରୋତ୍ସାହିତ କରାଯାଉଛି। ସ୍କୁଲଗୁଡ଼ିକରେ ଆକର୍ଷଣୀୟ ଖେଳପଡ଼ିଆ ସହ ଇନ୍‌ଡୋର୍ ସ୍ପୋର୍ଟସ କମ୍ପ୍ଲେକ୍ସ ଏବଂ ଉନ୍ନତମାନର କ୍ରୀଡ଼ା ଉପକରଣ ଯୋଗାଇ ଦିଆଯାଇଛି। ହକି ଏବଂ ଫୁଟ୍‌ବଲ୍ ଭଳି ଦୁଇଟି ଗୁରୁତ୍ୱପୂର୍ଣ୍ଣ କ୍ରୀଡ଼ାକୁ ଲୋକପ୍ରିୟ କରିବା ଉଦ୍ଦେଶ୍ୟରେ ରାଜ୍ୟର ସରକାରୀ ବିଦ୍ୟାଳୟଗୁଡ଼ିକରେ 'ମୋ ସ୍କୁଲ୍ ହକି କ୍ଲବ୍' ଏବଂ 'ଫୁଟ୍‌ବଲ୍ ଫର୍ ଅଲ୍ କ୍ୟାମ୍ପେନ୍' ଆରମ୍ଭ କରିଛି ଓଡ଼ିଶା।

ପୁରୁଷ ହକି ବିଶ୍ୱକପ୍ ୨୦୨୩ର ଅବ୍ୟବହିତ ପୂର୍ବରୁ ଓଡ଼ିଶାର ୩୦ଟି ଜିଲ୍ଲାରେ 'ମୋ ସ୍କୁଲ୍ ହକି କ୍ଲବ୍'ର ଶୁଭାରମ୍ଭ କରାଯାଇଛି। ସ୍କୁଲ୍‌ସ୍ତରରୁ ପ୍ରତିଭା ଚିହ୍ନଟ ଏବଂ ସେମାନଙ୍କୁ ଦକ୍ଷ କ୍ରୀଡ଼ାବିତ୍ ଭାବରେ ଗଢ଼ି ତୋଳିବାରେ ଏହି କ୍ଲବ୍ ଆଗାମୀଦିନରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ରାଜ୍ୟ କ୍ରୀଡ଼ା ବିଭାଗ ଦ୍ୱାରା ପରିଚାଳିତ 'ଓଡ଼ିଶା ନାଭାଲ ଟାଟା ହକି ହାଇ ପର୍ଫମାନ୍ସ ସେଣ୍ଟର'ରେ ଭର୍ତ୍ତି ହେବାପାଇଁ ଏହି କ୍ଲବ୍ ପିଲାମାନଙ୍କୁ ପ୍ରାରମ୍ଭରୁ ପ୍ରଶିକ୍ଷିତ କରିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ମନୋନୀତ କିଛି ସ୍କୁଲରେ ହକି କ୍ଲବ୍ ଗଠନ କରାଯିବା ପରେ ପରବର୍ତ୍ତୀ ସମୟରେ ରାଜ୍ୟର ପ୍ରତ୍ୟେକ ଜିଲ୍ଲା ଏବଂ ପ୍ରତ୍ୟେକ ବିଦ୍ୟାଳୟରେ ହକି କ୍ଲବ୍ ଗଠନ କରାଯିବ। ସେହିଭଳି ସମସ୍ତ ଜିଲ୍ଲାରେ ହକି କ୍ଲବ୍ ଗଠନ ହେବାପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସକରାତ୍ମକ ମନୋବଳ ବୃଦ୍ଧି କରିବାକୁ ପର୍ଯ୍ୟାୟକ୍ରମେ ଲିଗ୍ ମ୍ୟାଚ୍‌ର ଆୟୋଜନ କରାଯିବ।

'ମୋ ସ୍କୁଲ୍ ହକି କ୍ଲବ୍'ରେ ଛାତ୍ର ଓ ଛାତ୍ରୀଙ୍କ ପାଇଁ ପୃଥକ୍ ଟିମ୍ ରହିବ ଏବଂ ପ୍ରତ୍ୟେକ କ୍ଲବ୍‌ର ନିଜସ୍ୱ ଫ୍ଲାଗ୍ ତଥା ପତାକା ରହିବ। ଷଷ୍ଠ ଶ୍ରେଣୀରୁ ଉର୍ଦ୍ଧ୍ୱ ଶ୍ରେଣୀର ପିଲାମାନେ ଏହି କ୍ଲବ୍‌ରେ ଅଂଶଗ୍ରହଣ କରି ହକି ଖେଳିପାରିବେ। ପ୍ରତ୍ୟେକ ୱିଙ୍ଗରେ ଦୁଇଟି ଲେଖାଁଏ ଟିମ୍ ରହିବ ଏବଂ ପ୍ରତ୍ୟେକ ଟିମ୍‌ରେ ୨୪ରୁ ୩୦ଜଣ ପର୍ଯ୍ୟନ୍ତ ପିଲା ରହିପାରିବେ। ଗଠନ ହୋଇଥିବା ଟିମ୍‌ର ନାମକରଣ 'ଟିମ୍-ଏ' ଏବଂ 'ଟିମ୍-ବି' କରାଯିବ। ଛାତ୍ରଛାତ୍ରୀଙ୍କ ନେତୃତ୍ୱ ନେବାର ଶୈଳୀକୁ ଦୃଷ୍ଟିରେ ରଖି ସେମାନଙ୍କୁ ଟିମ୍‌ର କ୍ୟାପ୍ଟେନ୍ ଏବଂ ଭାଇସ୍ କ୍ୟାପ୍ଟେନ୍ ଭାବରେ ମନୋନୀତ କରାଯିବ। ଏହି କାର୍ଯ୍ୟକ୍ରମ ଅଧୀନରେ ବିଭିନ୍ନ ସ୍କୁଲ୍‌ରୁ ଫିଜିକାଲ୍ ଏଜୁକେଶନ ଶିକ୍ଷକମାନଙ୍କୁ ଇତିମଧ୍ୟରେ ପ୍ରଶିକ୍ଷିତ କରାଯାଇଥିବା ବେଳେ ଆଗାମୀଦିନରେ ସେମାନେ ଛାତ୍ରଛାତ୍ରୀଙ୍କୁ ହକି ପ୍ରଶିକ୍ଷଣ ପ୍ରଦାନ କରିବେ।



# ‘ମୋ ସ୍କୁଲ୍’ କଫିଟେବୁଲ ବୁକ୍ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ



ଶିଶୁ ଦିବସ ଅବସରରେ ୨୦୨୨ ନଭେମ୍ବର ୧୪ ତାରିଖରୁ ୩ଦିନ ଧରି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୟୁନିଟ୍-୯ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ‘ସୁରଭି-୨୦୨୨’ର ଉଦ୍‌ଯାପନୀ ସନ୍ଧ୍ୟା ‘ମୋ ସ୍କୁଲ୍’ ପାଇଁ ଥିଲା ଏକ ସ୍ମରଣୀୟ ସନ୍ଧ୍ୟା । ଏହି ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦ୍ୱାରା ‘ମୋ ସ୍କୁଲ୍’ କଫିଟେବୁଲ୍ ବୁକ୍ ଏବଂ ‘ମୋ ସ୍କୁଲ୍’ ନ୍ୟୁଜ୍‌ଲେଟର ଲୋକାର୍ପିତ ହୋଇଥିଲା । ଏହାସହ ‘ମୋ ସ୍କୁଲ୍’ ପକ୍ଷରୁ ପ୍ରସ୍ତୁତ ରାଜ୍ୟସ୍ତରୀୟ ଷ୍ଟୁଡେଣ୍ଟ୍ ମାଗାଜିନ୍‌କୁ ମଧ୍ୟ ସୁରଭି ମଞ୍ଚରେ ଲୋକାର୍ପିତ କରିଥିଲେ ଉପସ୍ଥିତ ଅତିଥିବୃନ୍ଦ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜ୍ଞାନ ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ସମୀର ରଞ୍ଜନ ଦାସ, ଭୁବନେଶ୍ୱର ମଧ୍ୟ ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା, ୫-ଟି ସଚିବ ଶ୍ରୀ ଭି.କେ. ପାଣ୍ଡିଆନ୍, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଶ୍ରୀମତୀ ଅଶ୍ୱଥି ଏସ୍., ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅନୁପମ ସାହା ଉପସ୍ଥିତ ଥିଲେ । ଏହାସହ ୨୦୨୨ ଡିସେମ୍ବର ୩ ତାରିଖରେ ଭୁବନେଶ୍ୱରସ୍ଥିତ ଜନତା ମଇଦାନଠାରେ ଅନୁଷ୍ଠିତ ‘ମେକ୍ ଇନ୍ ଓଡ଼ିଶା’ କନ୍‌କ୍ଲେଭ୍‌ରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କରକମଳରେ ‘ମୋ ସ୍କୁଲ୍ ଅଭିଯାନ’ ଦ୍ୱାରା ପ୍ରସ୍ତୁତ ‘୫-ଟି ହାଇସ୍କୁଲ୍ ଟ୍ରାନ୍ସଫରମେଶନ୍’ ଶୀର୍ଷକ କଫି ଟେବୁଲ୍ ବୁକ୍ ଲୋକାର୍ପିତ ହୋଇଥିଲା ।

# 'ମୋ ସ୍କୁଲ୍ ଅଭିଯାନ'କୁ ବ୍ୟାପକ କରିବାକୁ ଆହ୍ୱାନ



୨୦୨୨ ଡିସେମ୍ବର ୧୫ ଓ ୧୬ ତାରିଖରେ ଦୁଇଦିନ ଧରି ଭୁବନେଶ୍ୱରସ୍ଥିତ କୃଷି ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ ପାଇଁ ଆୟୋଜିତ ଦୁଇଦିନିଆ ରାଜ୍ୟସ୍ତରୀୟ ତାଲିମ କାର୍ଯ୍ୟକ୍ରମରେ ଯୋଗଦେଇ 'ମୋ ସ୍କୁଲ୍ ଅଭିଯାନ'ର ମୁଖ୍ୟ ପରିଚାଳନା ଅଧିକାରୀ ଶ୍ରୀ ଅମରଜିତ ଜେନା ଜିଲ୍ଲାସ୍ତରରେ 'ମୋ ସ୍କୁଲ୍ ଅଭିଯାନ'କୁ ଅଧିକରୁ ଅଧିକ ବ୍ୟାପକ କରିବାକୁ କହିଥିଲେ। ପୁରାତନ ଛାତ୍ରଛାତ୍ରୀଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ସହଭାଗିତାରେ ଶିକ୍ଷାନୁଷ୍ଠାନ ସହ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ କରିବାକୁ ସେ ଆହ୍ୱାନ ଦେବାସହ ଗୋଷ୍ଠୀ ସହଭାଗିତାରେ କିଭଳି ଶିକ୍ଷାର ଗୁଣାତ୍ମକ ମାନକୁ ବୃଦ୍ଧି କରାଯାଇପାରିବ ତାହାଉପରେ ବକ୍ତବ୍ୟ ରଖିଥିଲେ। ସେହିଭଳି ଉଚ୍ଚ ବିଦ୍ୟାଳୟଗୁଡ଼ିକର ରୂପାନ୍ତରଣ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା '୫ଟି ହାଇସ୍କୁଲ୍ ଟ୍ରାନ୍ସଫରମେଶନ' କାର୍ଯ୍ୟକ୍ରମ ସମ୍ପର୍କରେ କହିବା ସହ ଏହା ଅଧୀନରେ ସୃଷ୍ଟି ହୋଇଥିବା ଡିଜିଟାଲ ଭିତ୍ତିଭୂମି ଓ ଉପକରଣର ସଫଳ ଉପଯୋଗ ଦ୍ୱାରା ଶିକ୍ଷାଦାନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ। ନିୟମିତ ମନିଟରିଂ ଦ୍ୱାରା ସ୍ମାର୍ଟ କ୍ଲାସ୍‌ରୁମ୍, ଇ-ଲାଇବ୍ରେରୀ, ଡିଜିଟାଲ ଲାବୋରେଟୋରୀର ଉପଯୁକ୍ତ ବ୍ୟବହାର ସୁନିଶ୍ଚିତ କରିବାକୁ ସେ ଉପସ୍ଥିତ ଜିଲ୍ଲା ଓ ବ୍ଲକ୍ ଶିକ୍ଷାଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।



# ପ୍ରବାସୀ ଓଡ଼ିଆଙ୍କୁ ‘ମୋ ସ୍କୁଲ୍ ଅଭିଯାନ’ ସହ ଯୋଡୁଛି ‘ବିଲ୍ଡ ଓଡ଼ିଶା’

ଯୁକ୍ତରାଷ୍ଟ୍ର ଆମେରିକା ସହ ବିଶ୍ୱର ବିଭିନ୍ନ କୋଣ ଅନୁକୋଣରେ ଥିବା ପ୍ରବାସୀ ଓଡ଼ିଆମାନଙ୍କୁ ‘ମୋ ସ୍କୁଲ୍ ଅଭିଯାନ’ ମାଧ୍ୟମରେ ସେମାନେ ପଢ଼ିଥିବା ବିଦ୍ୟାଳୟ ଯୋଡ଼ିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ପ୍ରବାସୀ ଓଡ଼ିଆ ସଂଗଠନ ‘ବିଲ୍ଡ ଓଡ଼ିଶା’। ବିଦେଶରେ ରହି ମଧ୍ୟ ଓଡ଼ିଆମାନେ ଯେପରି ନିଜ ରାଜ୍ୟ ଓ ନିଜ ବିଦ୍ୟାଳୟ ପ୍ରତି ଥିବା କର୍ତ୍ତବ୍ୟ ପୂରା କରିପାରିବେ ସେଥିପାଇଁ ଉଭୟ ସଂଗଠନ ମିଳିତ ଭାବରେ ଏକ ଉତ୍କୃଷ୍ଟ ପ୍ଲାଟଫର୍ମ ଯୋଗାଇ ଦେଇଛନ୍ତି। ଏଥିପାଇଁ ‘ମୋ ସ୍କୁଲ୍ ଅଭିଯାନ’ ଏବଂ ‘ବିଲ୍ଡ ଓଡ଼ିଶା’ ମଧ୍ୟରେ ଏକ ଏମ୍‌ଓୟୁ ସ୍ୱାକ୍ଷର ହୋଇଥିବା ବେଳେ ଏବେସୁଦ୍ଧା ରାଜ୍ୟର ୫ଟି ବିଦ୍ୟାଳୟରେ ପ୍ରବାସୀ ଓଡ଼ିଆମାନଙ୍କ ମାଧ୍ୟମରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ କରାଯାଉଛି। କେଉଁଝର ଜିଲ୍ଲାର ଡି.ଏନ୍. ହାଇସ୍କୁଲ, ବକ୍ସିବରିଗାଁ ଏମ୍‌ଇ ସ୍କୁଲ୍, ବାଲେଶ୍ୱର ଜିଲ୍ଲାର ଖାନ୍‌ନଗର ୟୁଜିୟୁପି ସ୍କୁଲ୍, ବାରବାଟୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ଖୋର୍ଦ୍ଧା ଜିଲ୍ଲା ଅଧୀନସ୍ଥ ଭଗବତ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟରେ ‘ବିଲ୍ଡ ଓଡ଼ିଶା’ ମାଧ୍ୟମରେ ଅତ୍ୟାଧୁନିକ ଭିତ୍ତିଭୂମି ନିର୍ମାଣ କରାଯାଉଛି। ଛାତ୍ରାଛାତ୍ରୀଙ୍କ ପଠନ ଅଭ୍ୟାସ ବୃଦ୍ଧି କରିବା ଲାଗି ପାଠାଗାର ନିର୍ମାଣ କରିବାକୁ ଅଧିକ ଗୁରୁତ୍ୱ ଦିଆଯାଉଥିବା ବେଳେ ସହପାଠ୍ୟଭିତ୍ତିକ କାର୍ଯ୍ୟକ୍ରମକୁ ମଧ୍ୟ ପ୍ରୋତ୍ସାହନ ଦିଆଯାଉଛି। ଆଗାମୀଦିନରେ ଏହି କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରିବା ସହ ‘ମୋ ସ୍କୁଲ୍ ଅଭିଯାନ’ ସହ ଅଧିକରୁ ଅଧିକ ପ୍ରବାସୀ ଓଡ଼ିଆମାନଙ୍କୁ ଯୋଡ଼ିବା ପାଇଁ ‘ବିଲ୍ଡ ଓଡ଼ିଶା’ କାର୍ଯ୍ୟକରିବ ବୋଲି ଏହାର ମୁଖ୍ୟ ପ୍ରକଳ୍ପ ଅଧିକାରୀ ଶ୍ରୀମତୀ କୁକୁ ଦାସ କହିଛନ୍ତି।

# ଅନୁସୂଚିତ ଜନଜାତି, ଜାତି ଓ ପଛୁଆବର୍ଗ ଉନ୍ନୟନ ବିଭାଗ ସହ ମିଳିତ ଭାବରେ କାର୍ଯ୍ୟକରିବ ‘ମୋ ସ୍କୁଲ୍’



ଅନୁସୂଚିତ ଜନଜାତି, ଜାତି ଓ ପଛୁଆବର୍ଗ ଉନ୍ନୟନ ବିଭାଗ ଅଧୀନରେ ଥିବା ସମସ୍ତ ସ୍କୁଲ୍ ‘ମୋ ସ୍କୁଲ୍ ଅଭିଯାନ’ରେ ଅନ୍ତର୍ଭୁକ୍ତ ହୋଇଥିବା ବେଳେ ଉଭୟ ମିଳିତ ଭାବରେ ରାଜ୍ୟରେ ଥିବା ଏସ୍‌ଏସ୍‌ଡି ସ୍କୁଲ୍‌ର ବିକାଶ ଦିଗରେ କାର୍ଯ୍ୟକରିବେ। ଶିକ୍ଷାଦାନ ପଦ୍ଧତିରେ ନୂତନତ୍ୱ ଆଣିବା ସହ ଛାତ୍ରଛାତ୍ରୀଙ୍କୁ ଏକବିଂଶ ଶତାବ୍ଦୀ ଜ୍ଞାନକୌଶଳ ଓ ପ୍ରଯୁକ୍ତିବିଦ୍ୟା ସହ ଯୋଡ଼ିବା ଲକ୍ଷ୍ୟରେ ନୂତନ କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ଏ ଦିଗରେ ‘ମୋ ସ୍କୁଲ୍ ଅଭିଯାନ’ ଏହାର ସହଯୋଗୀ ସଂସ୍ଥାମାନଙ୍କ ସହ ମିଳିତ ଭାବରେ କାର୍ଯ୍ୟ କରିବ। କୋଡିଂ, ଟିଙ୍କରିଂ, କମ୍ୟୁନିକେଶନ ଇଂଲିଶକୁ ସର୍ବାଧିକ ପ୍ରାଥମିକତା ଦିଆଯିବ। ୨୦୨୨ ଡିସେମ୍ବର ୨୩ ତାରିଖରେ ଭୁବନେଶ୍ୱରସ୍ଥିତ ଆଦିବାସୀ ପ୍ରଦର୍ଶନୀ ପଡ଼ିଆଠାରେ ଅନୁଷ୍ଠିତ ହୋଇଥିବା ‘ସରଗି ଫୁଲ ମହୋତ୍ସବ’ରେ ଯୋଗଦେଇ ଅନୁସୂଚିତ ଜନଜାତି, ଜାତି ଓ ପଛୁଆବର୍ଗ ଉନ୍ନୟନ ବିଭାଗ ଶାସନ ସଚିବ ଶ୍ରୀମତୀ ରୂପାରୋଶନ ସାହୁ ଘୋଷଣା କରିଥିଲେ। ଏହି ପଦକ୍ଷେପ ଦ୍ୱାରା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ଲକ୍ଷାଧିକ ଛାତ୍ରଛାତ୍ରୀ ଉପକୃତ ହେବେ ବୋଲି ସେ କହିଥିଲେ। ଏହାସହ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଅଧୀନରେ ଥିବା ସ୍କୁଲଗୁଡ଼ିକୁ ‘ମୋ ସ୍କୁଲ୍ ଅଭିଯାନ’ରେ ଅର୍ନ୍ତଭୁକ୍ତ କରିବାକୁ ଯୋଜନା କରିଛି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ। ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଅଧୀନରେ ଥିବା ସ୍ୱତନ୍ତ୍ର ସ୍କୁଲଗୁଡ଼ିକ ‘ମୋ ସ୍କୁଲ୍’ରେ ଅର୍ନ୍ତଭୁକ୍ତ ହେବାଦ୍ୱାରା ରାଜ୍ୟର ଲକ୍ଷାଧିକ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଉପକୃତ ହେବେ।

# ପିଜିଆଇ ଶ୍ରେଷ୍ଠ ୧୦ ରାଜ୍ୟ ମଧ୍ୟରେ ଓଡ଼ିଶା

କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଅଧିନସ୍ଥ ବିଦ୍ୟାଳୟ ଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ପର୍ଫମାନ୍ସ ଗ୍ରେଡିଂ ଇନଡେକ୍ସ (ପିଜିଆଇ) ୨୦୨୦-୨୧ ରିପୋର୍ଟରେ ଶ୍ରେଷ୍ଠ ୧୦ ରାଜ୍ୟ ମଧ୍ୟରେ ରହିଛି ଓଡ଼ିଶା। ଗୁଣାତ୍ମକ ଶିକ୍ଷା, ସୁଦୃଢ ଭିତ୍ତିଭୂମି, ବିଦ୍ୟାଳୟ ପ୍ରବେଶ ସୁବିଧା, ଛାତ୍ରଛାତ୍ରୀଙ୍କ ମୂଲ୍ୟାୟନ ଓ ବିଦ୍ୟାଳୟ ପରିଚାଳନା ଭଳି ୫ଟି ବିଷୟକୁ ଆଧାର କରି କରାଯାଇଥିବା ପର୍ଫମାନ୍ସ ଗ୍ରେଡିଂ ତଥା ମୂଲ୍ୟାୟନ ପ୍ରକ୍ରିୟାରେ ଦେଶର ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳକୁ ଅର୍ନ୍ତଭୁକ୍ତ କରାଯାଇଥିଲା। ରିପୋର୍ଟ ମୁତାବକ ୨୦୧୯-୨୦ ଶିକ୍ଷାବର୍ଷ ତୁଳନାରେ ୨୦୨୦-୨୧ ଶିକ୍ଷାବର୍ଷରେ ଓଡ଼ିଶା ସମସ୍ତ ୫ଟି ମାଟ୍ରିକ୍ସରେ ଭଲ ପ୍ରଦର୍ଶନ କରିବା ସହ ଦେଶର ଆଗଧାଡ଼ିର ରାଜ୍ୟମାନଙ୍କ ମଧ୍ୟରେ ନିଜର ସ୍ଥିତିକୁ ସୁଦୃଢ଼ ରଖିଛି।

ଗୁଣାତ୍ମକ ଶିକ୍ଷା, ସୁଦୃଢ ଭିତ୍ତିଭୂମି, ବିଦ୍ୟାଳୟ ପ୍ରବେଶ ସୁବିଧା, ଛାତ୍ରଛାତ୍ରୀଙ୍କ ମୂଲ୍ୟାୟନ ଓ ବିଦ୍ୟାଳୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ବେଶ୍ ଆଗକୁ ବଢ଼ିବା ସହ ସ୍କୁଲ୍ ଶିକ୍ଷାର ରୂପାନ୍ତରୀକରଣରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ପିଜିଆଇ ୨୦୨୦-୨୧ରେ ୧୦୦୦ ପଏଣ୍ଟରୁ ଓଡ଼ିଶା ମୋଟ ୮୭୭ ପଏଣ୍ଟ ସ୍କୋର୍ କରିଥିବା ବେଳେ ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ୧୮୦ରୁ ୧୩୮, ବିଦ୍ୟାଳୟ ପ୍ରବେଶ ସୁବିଧାରେ ୮୦ରୁ ୭୧, ସୁଦୃଢ ଭିତ୍ତିଭୂମିରେ ୧୫୦ରୁ ୧୩୩, ଛାତ୍ରଛାତ୍ରୀଙ୍କ ମୂଲ୍ୟାୟନରେ ୨୩୦ରୁ ୨୨୧ ଏବଂ ବିଦ୍ୟାଳୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ୩୬୦ରୁ ୩୧୪ ପଏଣ୍ଟ ପାଇଛି।

ପିଜିଆଇ ଫ୍ରେମ୍‌ୱାର୍କରେ ଲାଗାତାର ଭାବରେ ଓଡ଼ିଶାର ର୍‍ୟାଙ୍କ୍ ଉପରକୁ ଉଠୁଥିବା ବେଳେ ମାତ୍ର ୪ବର୍ଷ ମଧ୍ୟରେ ଏହା ଲେବୁଲ୍-୬ରୁ ଲେବୁଲ୍-୩କୁ ଉନ୍ନୀତ ହୋଇଛି। ରାଜ୍ୟର ଶିକ୍ଷା ଭିତ୍ତିଭୂମିରେ ବ୍ୟାପକ ପରିବର୍ତ୍ତନ ହୋଇଛି। ରାଜ୍ୟର ପ୍ରଗତିଶୀଳ ନୀତି ସହ 'ମୋ ସ୍କୁଲ୍ ଅଭିଯାନ', ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ, କୋଭିଡ୍ ମହାମାରୀ ସମୟରେ ଅନ୍‌ଲାଇନ୍ ଶିକ୍ଷଣ କାର୍ଯ୍ୟକ୍ରମର ପ୍ରଣୟନ, ୫-ଟି ହାଇସ୍କୁଲ୍ ରୂପାନ୍ତରୀକରଣ କାର୍ଯ୍ୟକ୍ରମ ଅଧୀନରେ ହୋଇଥିବା ସ୍କୁଲ୍ ଭିତ୍ତିଭୂମିର ରୂପାନ୍ତରଣ ଏବଂ ଯୋଜନାର ସଠିକ୍ କାର୍ଯ୍ୟକାରିତା ଦ୍ୱାରା ଓଡ଼ିଶା ଶିକ୍ଷା କ୍ଷେତ୍ରରେ ଅଭୂତପୂର୍ବ ସଫଳତା ହାସଲ କରିଛି। ଉନ୍ନତ ଭିତ୍ତିଭୂମି ସହ ଗୁଣାତ୍ମକ ଶିକ୍ଷାଦାନ ଯୋଗୁଁ ପୂର୍ବବର୍ଷ ଅପେକ୍ଷା ଛାତ୍ରଛାତ୍ରୀମାନଙ୍କ ପ୍ରଦର୍ଶନରେ ମଧ୍ୟ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି।

## ଗବବସ୍ତ ବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବରେ ଯୋଗଦେଲେ 'ମୋ ସ୍କୁଲ୍' ଅଧ୍ୟକ୍ଷା

# "କର୍ତ୍ତବ୍ୟପରାୟଣ ହେଲେ ବିକାଶ ସୁନିଶ୍ଚିତ": ରାଜ୍ୟପାଳ



୨୦୨୩ ଜାନୁୟାରୀ ୩ ତାରିଖରେ କଟକ ସଦର ଥାନା ଅର୍ନ୍ତଗତ ସାଇଁଶୋ ଗ୍ରାମ ପଞ୍ଚାୟତ ଅଧିନସ୍ଥ ଗବବସ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ୭୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ହୀରକ ଜୟନ୍ତୀ ପାଳନ ଉତ୍ସବରେ ମୁଖ୍ୟଅତିଥି ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ସହ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ 'ମୋ ସ୍କୁଲ୍' ଅଧ୍ୟକ୍ଷା ଶ୍ରୀମତୀ ସୁସ୍ମିତା ବାଗ୍‌ଚୀ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଶ୍ରୀ ଗଣେଶୀ ଲାଲ୍ ଛାତ୍ରଛାତ୍ରୀଙ୍କୁ ଆଧାତ୍ମିକ ଚେତନା ଦେବା ସହ କର୍ତ୍ତବ୍ୟ ପରାୟଣ ହେବାକୁ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀମାନଙ୍କ ବୌଦ୍ଧିକ ବିକାଶରେ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ରାଜ୍ୟପାଳ ତାଙ୍କ ଅଭିଭାଷଣରେ କହିଥିଲେ। ମୁଖ୍ୟବକ୍ତା ଭାବରେ 'ମୋ ସ୍କୁଲ୍ ଅଭିଯାନ'ର ଅଧ୍ୟକ୍ଷା ଶ୍ରୀମତୀ ସୁସ୍ମିତା ବାଗ୍‌ଚୀ ଏବଂ ସମ୍ମାନୀତ ଅତିଥି ଭାବରେ କଟକ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ କୃଷ୍ଣଚନ୍ଦ୍ର ନାୟକ ଯୋଗ ଦେଇଥିଲେ । ଏହି ଅବସରରେ 'ମୋ ସ୍କୁଲ୍ ଅଭିଯାନ' ଏବଂ ପୁରାତନ ଛାତ୍ର ସଂଗଠନର ସହଯୋଗରେ ୪୮ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ପାଠାଗାରକୁ ରାଜ୍ୟପାଳ ଲୋକାର୍ପିତ କରିଥିଲେ । ହୀରକ ଜୟନ୍ତୀ ଉପଲକ୍ଷେ ଯୋଗଦେଇଥିବା ଅତିଥିମାନଙ୍କ ଦ୍ୱାରା ଏକ ସ୍ମରଣିକା 'ହୀରକ ସ୍ମୃତିସୁଧା'ର ଲୋକାର୍ପଣ କରାଯାଇଥିଲା। ବିଦ୍ୟାଳୟ ଓ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ଆର୍ଥିକ ସହଯୋଗ ବ୍ୟତୀତ ସେବା ପ୍ରଦାନ ମାଧ୍ୟମରେ ସହଯୋଗ ଯୋଗାଇଦେବାକୁ 'ମୋ ସ୍କୁଲ୍ ଅଭିଯାନ' ଅଧ୍ୟକ୍ଷା ଶ୍ରୀମତୀ ବାଗ୍‌ଚୀ ପୁରାତନ ଛାତ୍ରଛାତ୍ରୀମାନଙ୍କୁ ନିବେଦନ କରିଥିଲେ । ଏହି ଅବସରରେ ଦୁଇଜଣ ପୁରାତନ ଛାତ୍ର ସଫିକ୍ ଉଦ୍ଦିନ୍ ସିଦ୍ଦିକ୍ ଏବଂ ଦିଗାମ୍ବର ମହାପାତ୍ରଙ୍କୁ ରାଜ୍ୟପାଳ ପୁରସ୍କୃତ କରିଥିଲେ। ପୁରାତନ ଛାତ୍ରସଂଘର କାର୍ଯ୍ୟକାରୀ ସଭାପତି ପ୍ରଭାକର ମହାନ୍ତି ସ୍ୱାଗତ ଭାଷଣ ଦେବା ସହ ଅନ୍ୟତମ ଛାତ୍ର ଦେବଦତ୍ତ ଦାସ ମଞ୍ଚ ପରିଚାଳନା କରିଥିଲେ।

# ଆପଣ 'ମୋ ସ୍କୁଲ୍' ସହିତ କେମିତି ସହଯୋଗ କରିପାରିବେ ?

- ହଷ୍ଟେଲ, ପାଠାଗାର, ବିଜ୍ଞାନାଗାର, ଇଲେକ୍ଟ୍ରୋନିକ୍ ସାମଗ୍ରୀ, ଇଣ୍ଟରନେଟ୍, ଶ୍ରେଣୀଗୃହ, ଆସବାବପତ୍ର, ଶୌଚାଳୟ, ନିର୍ମଳ ପାନୀୟ ଜଳ, ପାଚିରି ନିର୍ମାଣ, ହ୍ୱିଲ ଚେୟାର ଇତ୍ୟାଦି ପାଇଁ ପାଣ୍ଠି ଦେଇପାରିବେ।
- ଶିକ୍ଷାଦାନ ପରିବେଶକୁ ମାନବିକ ଓ ପ୍ରଯୁକ୍ତିଗତ ଉଦ୍ୟମ ମାଧ୍ୟମରେ ଆହୁରି ଉନ୍ନତ କରିପାରିବେ।
- କ୍ରୀଡ଼ା ଭିତ୍ତିଭୂମିର ବିକାଶ ଓ କୋଚିଂ ସହାୟତା ପ୍ରଦାନ କରିପାରିବେ।
- ବାର୍ଷିକ ସ୍ୱାସ୍ଥ୍ୟ ପରୀକ୍ଷା, ଡାକ୍ତର ଓ ପରାମର୍ଶଦାତାଙ୍କ ପରିଦର୍ଶନ ମାଧ୍ୟମରେ ବିଦ୍ୟାର୍ଥୀମାନଙ୍କ ଶାରୀରିକ ଓ ମାନସିକ ସୁସ୍ଥତା ନିଶ୍ଚିତ କରାଇପାରିବେ।
- ବିଶେଷଜ୍ଞ ଓ ସଂସ୍ଥାମାନଙ୍କ ସହାୟତା ନେଇ ବହୁମୁଖୀ ଶିକ୍ଷାଦାନ ବିଷୟବସ୍ତୁ ପ୍ରସ୍ତୁତ କରାଇ ପାରିବେ।
- ଅଭିନବ ତାଲିମ କାର୍ଯ୍ୟକ୍ରମ, କର୍ମଶାଳା ଆଦି ଆୟୋଜନ କରି ଶିକ୍ଷକମାନଙ୍କୁ ଉତ୍ସାହିତ କରିପାରିବେ ଏବଂ ସେମାନଙ୍କ ଅନୁସ୍ଥିତିଜନିତ ସମସ୍ୟାର ସମାଧାନ କରିପାରିବେ।
- ଶିକ୍ଷଣୀୟ ଭ୍ରମଣ, ଆଦାନପ୍ରଦାନ କାର୍ଯ୍ୟକ୍ରମ, ଜାତୀୟସ୍ତରୀୟ କ୍ରୀଡ଼ା, ସାହିତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବାକୁ ପ୍ରୋତ୍ସାହିତ କରିପାରିବେ।
- ପିଲାମାନଙ୍କ ମଧ୍ୟରେ ନିଜ କାମ ନିଜେ କରି ସ୍ୱାବଲମ୍ବୀ ହେବା ସଂସ୍କୃତିର ପ୍ରସାର କରାଇପାରିବେ।
- ପ୍ରତି ସ୍କୁଲରେ ବଗିଚାଟିଏ ଆରମ୍ଭ କରିବା ପାଇଁ ଏବଂ ସେଠାରେ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକମାନେ ମିଶି ଗଛ ଲଗାଇବା ପାଇଁ ପ୍ରେରଣା ଦେଇପାରିବେ।

## କେତୋଟି ସାଧାରଣ ପ୍ରଶ୍ନ

### ମୁଁ କିପରି ଯୋଗଦାନ କରିବି ?

ଏହି ଅଭିଯାନରେ ସହଯୋଗ କରିବା ପାଇଁ ପୁରାତନ ଛାତ୍ର ସଂସଦ ପଞ୍ଜୀକରଣ ହେବା ବାଧ୍ୟତାମୂଳକ ନୁହେଁ। ତେଣୁ ଜଣେ ପୁରାତନ ଛାତ୍ର ବା ଛାତ୍ରୀ ଚାହିଁଲେ ଏକକ ଭାବେ କିମ୍ବା ଏକାଧିକ ପୁରାତନ ଛାତ୍ରଛାତ୍ରୀ ଏକାଠି ହୋଇ 'ମୋ ସ୍କୁଲ' ଅଧୀନରେ ନିଜ ଇଚ୍ଛା ମୁତାବକ ଦାନ କରିପାରିବେ ଏବଂ ତାକୁ ନେଇ ଗୋଟିଏ ସ୍କୁଲ୍ ପ୍ରକଳ୍ପ ଆରମ୍ଭ କରିପାରିବେ।

### କିଭଳି ଅର୍ଥ ଦାନ କରିବି ?

ଏହି ଅଭିଯାନରେ ନଗଦ ଅର୍ଥ ଦାନ କରି ହେବ ନାହିଁ। ଚେକ୍, ବ୍ୟାଙ୍କ ଟ୍ରାନ୍ସଫର ବା ପେମେଣ୍ଟ୍ ଗେଟୱେ ମାଧ୍ୟମରେ ଅନ୍‌ଲାଇନ୍‌ରେ ଦାନ କରିହେବ। ବନ୍ଧୁ କିମ୍ବା ପରିବାର ସଦସ୍ୟଙ୍କ ତରଫରୁ ମଧ୍ୟ ଦାନ ଦେଇପାରିବେ। ତେବେ ବିଦେଶୀ ମୁଦ୍ରା ଦାନ କରିପାରିବେ ନାହିଁ। ଆପଣଙ୍କ ଆର୍ଥିକ ଯୋଗଦାନ ସହିତ ରାଜ୍ୟ ସରକାରଙ୍କର ୨ଗୁଣ ଯୋଗଦାନ ରହିବ। ଉଦାହରଣ ସ୍ୱରୂପ, ଆପଣ ଯଦି ୧ ଲକ୍ଷ ଟଙ୍କା ଦିଅନ୍ତି, ତା'ହେଲେ ସରକାର ୨ ଲକ୍ଷ ଟଙ୍କା ଦେବେ। ଅର୍ଥାତ୍, ଆପଣଙ୍କ ଯୋଗଦାନ ବାସ୍ତବରେ ୩ ଲକ୍ଷ ଟଙ୍କା ହେବ।

### ମୋ ଆର୍ଥିକ ଯୋଗଦାନ ପାଇଁ ଟିକସ ରିହାତି ମିଳିବ କି ?

ଦାନ ରାଶି ପାଇଁ 'ମୋ ସ୍କୁଲ୍' ଆପଣଙ୍କୁ ୮୦-ଜି ସାର୍ଟିଫିକେଟ୍ ଦେବ, ଯାହାଦ୍ୱାରା ଆପଣ ଆୟକର ସୁବିଧା ନେଇପାରିବେ।

### ମୁଁ ସାମଗ୍ରୀ ଆକାରରେ ଦାନ ଦେଇପାରିବି କି ?

ହଁ। ଆପଣ ସାମଗ୍ରୀ ଆକାରରେ ମଧ୍ୟ ଦାନ ଦେଇପାରିବେ। କିନ୍ତୁ ସାମଗ୍ରୀ ଦାନ ପାଇଁ 'ମୋ ସ୍କୁଲ୍' ପକ୍ଷରୁ କୌଣସି ଅନୁଦାନ ଦିଆଯିବ ନାହିଁ। ତେବେ ବ୍ୟବହୃତ ହୋଇଥିବା ସାମଗ୍ରୀ ବିଦ୍ୟାଳୟକୁ ଦେବା ପାଇଁ 'ମୋ ସ୍କୁଲ୍' ନିରୁତ୍ସାହିତ କରିଥାଏ। ଆପଣ ଯାହା ଦାନ କରୁଛନ୍ତି ପରେ ପୁଣି ତାହାର ମାଲିକାନା ବା ବ୍ୟବହାର ଦାବି କରିପାରିବେ ନାହିଁ।

### ଅର୍ଥ ଦାନ ବ୍ୟତୀତ ବିଦ୍ୟାଳୟକୁ ମୁଁ କିଭଳି ସାହାଯ୍ୟ କରିପାରିବି ?

ଆପଣ ଇଚ୍ଛା କଲେ ଜ୍ଞାନ ପ୍ରଦାନରେ ସାହାଯ୍ୟ କରିପାରିବେ। ଆପଣ ଗୋଟିଏ ବିଦ୍ୟାଳୟରେ ଜୈବ ବିବିଧତା ଉଦ୍ୟାନଟିଏ, ପନିପରିବା ବଗିଚାଟିଏ, ସ୍କୁଲ କ୍ୟାବିନେଟ୍ (ବାଳ ସଂସଦ)ଟିଏ, କିମ୍ବା ସାହିତ୍ୟ, ସିନେମା ବା ସନ୍ଧାନୀ କ୍ଲବଟିଏ ଗଠନ କରିପାରିବେ।

### କିପରି ଯୋଗାଯୋଗ କରିବି ?

'ମୋ ସ୍କୁଲ୍' ଟିମ୍ ସହିତ reachout@moschool.in ଇମେଲ୍ ମାଧ୍ୟମରେ ଆପଣ ସିଧାସଳଖ ଯୋଗାଯୋଗ କରିପାରିବେ। ତା' ଛଡ଼ା ମୋ ସ୍କୁଲ୍ ଅଧିକାରୀଙ୍କ ସହିତ ଟେଲିଫୋନ କିମ୍ବା ଇ-ମେଲ୍ ମାଧ୍ୟମରେ ମଧ୍ୟ ଆପଣମାନେ ଯୋଗାଯୋଗ କରିପାରିବେ।

## ଯୋଗାଯୋଗ:

ମୋ ସ୍କୁଲ୍ ଅଭିଯାନ ପରିଚାଳନା ସଂଗଠନ
ତୋଷାଳୀ ଭବନ, ଏ-୧ ବ୍ଲକ
୬ଷ୍ଠ ମହଲା, ସତ୍ୟ ନଗର
ଭୁବନେଶ୍ୱର - ୭୫୧୦୦୭ (ଓଡ଼ିଶା)
reachout@moschool.in

ନିହାରିକା ନାୟକ
ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି, ମୋ ସ୍କୁଲ୍
+୯୧ ୯୯୩୭୬୩୦୦୭
niharika@moschool.in

ଅମରଜିତ ଜେନା
ଚିଫ୍ ଅପରେଟିଂ ଅଫିସର, ମୋ ସ୍କୁଲ୍
+୯୧ ୯୯୩୭୦୮୨୩୪୯
amarjit@moschool.in